

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୭ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 NOVEMBER 2023
Vol.No. 34 ■ No. 301■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୭ ଜଣଙ୍କୁ ଆଜୀବନ ଜେଲ୍ ଓ ଜରିମାନା

ଯାଜପୁର, ୧୬/୧୧ (ନି.ପ୍ର): ବୃଦ୍ଧ ଦମ୍ପତିଙ୍କୁ ପୋଡ଼ି ମାରିବା ମାମଲାରେ ୧୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ। ସେମାନଙ୍କୁ ଆଜୀବନ ଜେଲ୍ ଓ ଜରିମାନା କରିଛନ୍ତି କୋର୍ଟ। ୨୦୨୦ ମସିହା ଜୁଲାଇ ୨୦ ତାରିଖ ବିଳମ୍ବିତ ରାତିରେ ଘଟିଥିଲା ଏହି ଲୋମ ଟାଙ୍କୁରା ଘଟଣା। କଳିଙ୍ଗନଗର ଥାନା ନିମପଲି ଗାଁ ସୁରିସାହିର ଶୈଳ ବାଲମୁଜ ଓ ସମ୍ବାରି ବାଲମୁଜ ନିଜ ଘରେ ଶୋଇଥିଲେ। ବିଳମ୍ବିତ ରାତି ତାଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିଲା। ଯାହାଫଳରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ ଦମ୍ପତି। ଗୁଣି ଗାରେଡ଼ିକୁ ସନ୍ଦେହ କରି ଗାଁର କିଛି ଲୋକ ବୃଦ୍ଧ ଦମ୍ପତିକୁ ପୋଡ଼ି ମାରିଦେଇଥିବା ଅଭିଯୋଗ ହୋଇଥିଲା। କଳିଙ୍ଗନଗର ଥାନା ପୁଲିସ୍ ମାମଲା ରୁଜୁ କରି ୧୭ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୀର୍ଘ ୩ ବର୍ଷ ପରେ ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ୨୦ ଜଣ ସାକ୍ଷୀଙ୍କ ବୟାନ୍ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ହୃଷିକେଶ ଆଚାର୍ଯ୍ୟ ୧୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅର୍ଥ ଦମ୍ପତିଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ସରକାରୀ ଓକିଲ କହିଛନ୍ତି।

# ଆଜି ମଧ୍ୟପ୍ରଦେଶର ଭାଗ୍ୟ ପରୀକ୍ଷା

## ୨୩୦ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ପଡିବ ଭୋଟ

ନୂଆଦିଲ୍ଲୀ, ୧୬/୧୧ : ୫ରାଜ୍ୟର ବିଧାନସଭା ମାହୋଲ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଛି । ଶୁକ୍ରବାର ମଧ୍ୟପ୍ରଦେଶରେ ପଡିବ ପ୍ରଥମ ତଥା ଗୋଟିଏ ପର୍ଯ୍ୟାୟରେ ଭୋଟ । ଏଥିସହ ଛତିଶଗଡରେ ମଧ୍ୟ ୨ୟ ପର୍ଯ୍ୟାୟ ପାଇଁ ଭୋଟ ପଡିବ । ମଧ୍ୟପ୍ରଦେଶରେ ମୋଟ ୨୩୦ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟ ପଡିବ । ମୋଟ ୨୫୩୩ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ମୋଟ ୫କୋଟି ୬୦ହଜାର ମତଦାତାଙ୍କ ପାଇଁ ୬୪ହଜାର ୬୨୬ ଭୋଟ କେନ୍ଦ୍ର କରାଯାଇଛି । ବିଜେପି,



କଂଗ୍ରେସ ସମସ୍ତ ଆସନରେ ଲଢ଼ିବେ । ବିଏସପି ୧୮୧, ସମାଜବାଦି ପାର୍ଟି ୭୧ ଓ ଆମ ଆଦମୀ ପାର୍ଟି ୬୬ ଆସନରେ ଲଢ଼ିବେ । ସେକାଳ ୭ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ପଡିବ ଭୋଟ । ବିଭିନ୍ନ ପୋଲିଂ ବୁଥରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ସେପଟେ ଛତିଶଗଡରେ ୨ୟ ପର୍ଯ୍ୟାୟରେ ପଡିବ ଭୋଟ । ୨୦୧୮ ଛତିଶଗଡ ନିର୍ବାଚନରେ ବିଜେପିର ୧୫ବର୍ଷ ଶାସନକୁ ଧୁଳି ଚଟେଇ ଶାସନ ଗାଦି ହାତେଇଥିଲା କଂଗ୍ରେସ । ନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ରାଜନୈତିକ ଦଳଗୁଡ଼ିକ ନିଜର ମଜବୁତ ରଣନୀତି କରିଥିଲେ । କେମିତି ବିରୋଧୀଙ୍କୁ ଚକମା ଦେଇହେବ, ସେଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରଚାର ଓ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତିର ବର୍ଷା ମଧ କରିଥଲେ । ଏସବୁ ଭିତରେ ସମସ୍ତିଙ୍କ ମନରେ ଗୋଟିଏ ପ୍ରଶ୍ନ? ପୁଣି କିଏ ଗାଦିକୁ ଆସିବ? କିଏ ମଧ୍ୟପ୍ରଦେଶରେ ସରକାର ଗଢ଼ିବ ଓ କିଏ ଛତିଶଗଡରେ କ୍ଷମତା ହାସଲ କରିବ ।

# ଆଜି ଉଦ୍‌ଘାଟନ ହେବ ନନ୍ଦନକାନନ ରୋପ୍‌ୱେ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ସଂଯୋଗ କରୁଥିବା ରୋପ୍‌ୱେକୁ ଆସନ୍ତାକାଲି ଅପରାହ୍ନ ୪ଟାରେ ଉଦ୍‌ଘାଟନ କରିବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ। ଶନିବାରଠାରୁ ପର୍ଯ୍ୟଟକମାନେ ଏହି ରୋପୱେର ସୁବିଧା ନେଇ ପାରିବେ। ଏହି ରୋପୱେର ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ କୋଲକାତାର ଏକ ଘରୋଇ ସଂସ୍ଥା ସହିତ ୨୦୨୧ ମସିହାରେ ଚୁକ୍ତି ହୋଇଥିଲା। ଉକ୍ତ ଚୁକ୍ତିନାମା ଅନୁସାରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି ଓ ରୋପୱେକୁ ଚଲାଇବାକୁ ସ୍ୱୀକୃତି ମିଳିଛି। ରୋପୱେରେ ଯିବା ପାଇଁ ରୋପୱେ କାଉଣ୍ଟର ନିକଟରେ ସ୍ୱତନ୍ତ୍ର କାଉଣ୍ଟର ଖୋଲା ଯାଇଛି। ଯେଉଁ ପର୍ଯ୍ୟଟକମାନେ ନନ୍ଦନକାନନରୁ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରୁ ନନ୍ଦନକାନନ ଯାଇ ଭ୍ରମଣ କରିବେ, ସେମାନେ ସ୍ୱତନ୍ତ୍ର କାଉଣ୍ଟରରୁ ଟିକେଟ କ୍ରୟ କରିବେ।




## ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ କିରାଣି



ଯାଜପୁର: ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯାଜପୁର ଜିଲ୍ଲା କବିରପୁର ସରକାରୀ ହାଇସ୍କୁଲର କିରାଣି ମହେଶ୍ୱର ସାମଲ। ଅବସର ପରେ ଉକ୍ତ ଶିକ୍ଷକଙ୍କ ବକେୟା ବିଲ୍ ଓ ପେନ୍‌ସନ୍ କାମ କରିଦେବା ପାଇଁ କିରାଣି ମହେଶ୍ୱର ସାମଲ ଲାଞ୍ଚ ମାଗିଥିଲେ। ଆଜି ସେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। କିରାଣି ମହେଶ୍ୱର ସାମଲଙ୍କର ଯାଜପୁର ଜିଲ୍ଲାରେ ଥିବା ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ପୁଲିସ୍ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

# ଡାକ୍ତର କରୁଥିଲେ ବ୍ରାଉନସୁଗର ବେପାର: ଗିରଫ କଲା ପୁଲିସ



ଯାଜପୁର, ୧୬/୧୧ (ନି.ପ୍ର): ବ୍ରାଉନ୍‌ସୁଗର ବେପାର କରୁଥିବା ଅଭିଯୋଗରେ ଯାଜପୁର ଥାନା ପୁଲିସ୍ ଜଣେ ଦାନ୍ତ ଡାକ୍ତରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୫.୨ ଗ୍ରାମ ବ୍ରାଉନ୍‌ସୁଗର ଓ ୪ଟି ମୋବାଇଲ ଜବତ କରାଯାଇଛି। ଗିରଫ ଡାକ୍ତରଙ୍କ ନାଁ ନିଗମା ନନ୍ଦ ଖଟୁଆ (୨୮)। ସେ ଯାଜପୁର ଥାନା ଅଞ୍ଚଳରେ ମହାବୀର ନଗରରେ ଏକ କ୍ଲିନିକ୍ କରିଛନ୍ତି। ଗିରଫ ହୋଇଥିବା ଅନ୍ୟ ଦୁଇ ଅଭିଯୁକ୍ତ ହେଉଛନ୍ତି ଯାଜପୁର ଥାନା ଅନ୍ତର୍ଗତ ସୁନ୍ଦେରେଇମୁହାଁର ସନ୍ଦୀପ ମଲ୍ଲିକ (୨୮) ଓ ସିଦ୍ଧେଶ୍ୱରର ରକ୍ଷାକର ଦୀକ୍ଷିତ (୨୭)। ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି ଯେ ଗତକାଲି ସନ୍ଧ୍ୟାରେ ଚଢ଼ାଉ ବେଳେ ସନ୍ଦୀପ ମଲ୍ଲିକ ଓ ରକ୍ଷାକର ଦୀକ୍ଷିତଙ୍କଠାରୁ ବ୍ରାଉନସୁଗର ଜବତ କରାଯାଇଥିଲା। ସନ୍ଦୀପଙ୍କ ଠାରୁ ୧୨.୪ ଗ୍ରାମ ଓ ରକ୍ଷାକରଙ୍କଠାରୁ ୧୨.୮ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିଲା। ଏସ୍‌ଡିପିଓ କହିଛନ୍ତି, ଏହି ଦୁଇ ଜଣଙ୍କୁ ପଚରାଉଚରା ବେଳେ ଦାନ୍ତ ଡାକ୍ତର ନିଗମା ନନ୍ଦ ଖଟୁଆଙ୍କ ନାଁ ସାମ୍ନାକୁ ଆସିଥିଲେ। ସନ୍ଦୀପ ଓ ରକ୍ଷାକରଙ୍କ କହିବା ଅନୁଯାୟୀ, ଦାନ୍ତ ଡାକ୍ତର ବାହାରୁ ବ୍ରାଉନ୍‌ସୁଗର ଆଣୁଥିଲେ। ସେ ବହୁ ପରିମାଣରେ ବ୍ରାଉନ୍‌ସୁଗାର ବାହାରୁ ଆଣି ସେମାନଙ୍କୁ ବିକ୍ରି କରିବା ପାଇଁ ଅଳ୍ପ ଅଳ୍ପ ଦେଉଥିଲେ। ସେ ଏଠାରେ ବ୍ରାଉନ୍‌ସୁଗରର ଏକ ରାକେଟ ଚଲାଇଥିଲେ। ଦୀର୍ଘ ଦିନ ଧରି ଦାନ୍ତ ଡାକ୍ତର ନିଗମା ନନ୍ଦ ଖଟୁଆ ବ୍ରାଉନ୍‌ସୁଗର ବେପାର କରି ଆସିଥିବା ବେଳେ ଆଉ କେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି, ତାହା ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

# ଆଜି ବାତ୍ୟା: ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତଟି ଆସନ୍ତାକାଲି ବାତ୍ୟା ରୂପ ନେବାର ସମ୍ଭାବନା ରହିଛି। ଓଡ଼ିଶା ଉପରେ ଏହାର ବିଶେଷ ପ୍ରଭାବ ରହିବ ନାହିଁ। ଏହା ଦିଗ ପରିବର୍ତ୍ତନ କରିଥିବାରୁ ଓଡ଼ିଶାରେ ବାତ୍ୟାର ପ୍ରଭାବ ପଡିବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି, ଏହି ଗଭୀର ଅବପାତଟି ଉତ୍ତର-ଉତ୍ତରପୂର୍ବ ଦିଗ ମୁହାଁଇ ଥିବାରୁ ଓଡ଼ିଶାରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଛି। ଏହା ପାରାଦୀପ ଠାରୁ ୩୮୦ କିମି ଦୂରତାରେ ଅବସ୍ଥିତ ଅଛି। ଏହା ପ୍ରଭାବରେ ଆଜି କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା



ରହିଛି। ଏଥିପାଇଁ ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟ ଜିଲ୍ଲାମାନଙ୍କର ହାଲୁକାର ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଶ୍ରୀ ଦାସ କହିଛନ୍ତି, ଗତ ୨୪ ଘଣ୍ଟାରେ ପାରାଦୀପରେ ୬.୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀରେ ହାଲୁକାର ମଧ୍ୟମ ଧରଣ ବର୍ଷା ହୋଇଛି। ଓଡ଼ିଶା ଉପକୂଳରେ ୪୦ରୁ ୫୦ କିମ ବେଗରେ ପବନ ହେଉଛି। ଏହା କ୍ରମେ ବୃଦ୍ଧି ପାଇବ। ୧୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ମାଛ ମାରିବାକୁ ଯିବାକୁ ବାରଣ କରାଯାଇଛି। ଆଜି ଓ ଆସନ୍ତାକାଲି ଟ୍ୱିନ୍ ସିଟିରେ ପାଗ ମେଘୁଆ ରହିବ। ୧୦ରୁ ୧୫ କିମି ବେଗରେ ପବନ ବୋହିବ ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି।

## ଉତ୍ତର ପ୍ରଦେଶର ବୈଶାଳୀ ଏକ୍ସପ୍ରେସର ବଗିରେ ଲାଗିଲା ନିଆଁ: ୧୯ଯାତ୍ରୀ ଆହତ

ଇଟାୱା, ୧୬/୧୧ (ନି.ପ୍ର): ନୂଆଦିଲ୍ଲୀରୁ ବିହାରର ସହରସା ଯାଉଥିବା ବୈଶାଳୀ ଏକ୍ସପ୍ରେସର ଏସ-୬ କୋଚରେ ନିଆଁ ଲାଗିବା ଯୋଗୁ ୧୯ଯାତ୍ରୀ ଆହତ ହୋଇଛନ୍ତି । ବହୁ କଷ୍ଟ ପରେ ନିଆଁକୁ ଆୟତ୍ତ କରାଯାଇଛି । ଆହତ ଯାତ୍ରୀମାନଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୧୧ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କ ସେଫଇ ମେଡିକାଲ ୟୁନିର୍ଭସିଟିରେ ସ୍ଥାନାନ୍ତର କରାଯାଇଛି । ୧୨ଘଣ୍ଟା ମଧ୍ୟରେ ଟ୍ରେନରେ ଏହା ଦ୍ୱିତୀୟ ଥର ନିଆଁ ଲାଗିଛି । କ୍ଷତିଗ୍ରସ୍ତ ବଗିକୁ ଟ୍ରେନରୁ ଅଲଗା କରିଦିଆଯାଇଛି । ଏହାପରେ ଏକ୍ସପ୍ରେସକୁ ଗନ୍ତବ୍ୟସ୍ଥଳକୁ ପଠାଯାଇଛି ।

## ଟନେଲ ଭିତରେ ୪୦ ଜୀବନ: ଓଡ଼ିଆ ଶ୍ରମିକ କହିଲେ- ଆମେ ସୁସ୍ଥ ଅଛୁ



ଦୀର୍ଘ ୫ ଦିନ ହେଲା ଟନେଲ ଭିତରେ ଫସିଛନ୍ତି ୪୦ ଜଣ ଶ୍ରମିକ। ସେମାନଙ୍କୁ ଉଦ୍ଧାର ପାଇଁ ଆରମ୍ଭ ହୋଇଥିବା ଅପରେସନ ଆଜି ୫ମ ଦିନରେ ପହଞ୍ଚିଛି। ହେଲେ ଏଯାଏ ମିଳିନି କୌଣସି ସଫଳତା। ଉତ୍ତରାଖଣ୍ଡର ଉତ୍ତରକାଶୀ ଟନେଲ ଭିତରୁ ଶ୍ରମିକଙ୍କୁ ବାହାର କରିବା ପାଇଁ ଆହୁରି ଦୁଇ ୩ ଦିନ ସମୟ ଲାଗିବ।

▶▶ପୃଷ୍ଠା ୭

## ଦକ୍ଷିଣ ଆଫ୍ରିକାକୁ ହରାଇ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ

### ନଭେମ୍ବର ୧୯ରେ ଭାରତକୁ କରିବ ମୁକାବିଲା




କୋଲକାତା, ୧୬/୧୧ ସ୍ଥାନୀୟ ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମରେ ଗୁରୁବାର ଚଳିତ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ୩ ୱିକେଟ୍‌ରେ ପରାସ୍ତ କରି ୫ ଥର ବିଜେତା (୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫) ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଛି। ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଜିତିବା ପାଇଁ ସଂଘର୍ଷ କରିଥିଲେ ମଧ୍ୟ ମିସ୍ ଫିଲ୍ଡିଂ ସମେତ ଅନେକ ତ୍ରୁଟି ପାଇଁ ସଫଳ ହୋଇପାରି ନାହିଁ। ଏହି ପରାଜୟ ସହିତ ଦକ୍ଷିଣ ଆଫ୍ରିକାର ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳିବାର ସ୍ୱପ୍ନ ଧୂଳିସାତ୍ ହୋଇଛି। କଙ୍ଗାରୁ ଦଳ ଆସନ୍ତା ୧୯ ତାରିଖରେ ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପୂର୍ବରୁ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଫାଇନାଲରେ ପହଞ୍ଚି ସାରିଥିବା ଶକ୍ତିଶାଳୀ ଭାରତୀୟ ଟିମ୍‌କୁ ମୁକାବିଲା କରିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।

▶▶ପୃଷ୍ଠା ୭

## ଆଜିଠୁ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାମ ଆରମ୍ଭ

ପୁରୀ, ୧୬/୧୧ (ନି.ପ୍ର): ଆଜିଠୁ ଆରମ୍ଭ ହେବ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାମ। ଦୁର୍ବଳ ସ୍ଥିତିରେ ଥିବା ଶ୍ରୀମନ୍ଦିର ନାଟମଣ୍ଡପ ମରାମତିରେ ଅହେତୁକ ବିଳମ୍ବକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଆଜିଠାରୁ କାମ ଆରମ୍ଭ କରିବାକୁ ଏଏସଆଇକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ବଳ ବିମର ମରାମତି ପାଇଁ ଆଜିଠୁ କାମ ଆରମ୍ଭ ହେଲେ ଦୈନିକ ୬ଘଣ୍ଟା ଲେଖାଏଁ ୧୨୦ଦିନ ଲାଗିବ ବୋଲି କହିଛନ୍ତି ଏଏସଆଇ ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ। ଗରୁଡ଼ ସ୍ତମ୍ଭ ସମ୍ମୁଖରେ ଥିବା କ୍ରାକ୍ ବିମ୍ କୁ ସପୋର୍ଟିଂ ବିମ୍ ଦିଆଯିବ। କ୍ରାକ୍ ବିମ୍ ତଳେ ରୋଟ୍ ଆଇରନ୍ ବିମ୍ କାମ ଆଜିଠୁ ଆରମ୍ଭ ହେବ। ଷ୍ଟେନଲେସ୍ ଷ୍ଟିଲର ବକ୍ସ ବିମ୍ ଦ୍ୱାରା ଏହାକୁ ଶକ୍ତ କରାଯିବ। ଏଥିପାଇଁ ଆଇଆଇଟି ମାଡ୍ରାସରୁ ଡିଜାଇନ୍ ଆସି ସାରିଛି ବୋଲି ଏଏସଆଇ ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ କହିଛନ୍ତି। କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ହେଉଛି। ତେଣୁ ମରାମତି କାମ ପାଇଁ ଆଉ ମାସେ ମହଲତ ମାଗିଥିଲା ଏଏସଆଇ।

▶▶ପୃଷ୍ଠା ୭

## ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ




ବାଲେଶ୍ୱର, ୧୬/୧୧ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ବାଲେଶ୍ୱର ଷ୍ଟେସନ କ୍ଲବ୍ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ଶୁଭେନ୍ଦୁ ଦାସ, ଆଇନଜୀବୀ ବେଣୁଧର ରାଉଳ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ସଂପାଦକ,ବିବେକାନନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଦାସ, ରାମ ନାରାୟଣ ଶତପଥି, ଶଶି ରଞ୍ଜନ ମଲ୍ଲିକ,ଶିବଦାସ କୁଣ୍ଡୁ,ଅରୂପ କୁମାର ଦାସ ମନୋଜ କୁମାର ରାଉଳ ପ୍ରମୁଖ ଉଦବୋଧନ ଦେଇ ସମାଜରେ ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣ, ଆକ୍ରୋଶ ଓ ସୁରକ୍ଷା, ସହ ସାମ୍ବାଦିକଙ୍କ ଆର୍ଥିକ ଅବସ୍ଥା ଓ ବ୍ୟବସ୍ଥା, ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୂଚାରୁ ରୂପେ ପାଳନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସାମ୍ବାଦିକ ମାନେ ତାଙ୍କ ଲେଖନୀର ତାକତ ଦେଖାଇ ପାରିଲେ ସରକାର ଓ ପ୍ରଶାସନ ସଂପୃକ୍ତ ସାମ୍ବାଦିକଙ୍କୁ ସମ୍ମାନ ଦେବାକୁ ବାଧ ହେବେ

▶▶ପୃଷ୍ଠା ୭

# ମାଡ଼ ଓ ଅପମାନ ସହି ନପାରି ପୁଅ ଆତ୍ମହତ୍ୟା କରିଥିବା ଅଭିଯୋଗ ଆଣିଲେ ପରିବାର ଲୋକେ

ମାଲକାନଗିରି, ୧୬/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଉଣ୍ଡରୁକୋଣ୍ଡା ପଂଚାୟତ ଏମପିଭି ୫୧ ଗ୍ରାମର ସ୍ୱର୍ଗତ ସହଦେବ ମଣ୍ଡଳ ଙ୍କ ପୁଅ ସମରେଶ ଦୁଇଦିନ ଧରି ନିଖୋଜ ରହିବା ପରେ ଗାଁ ପାଖ ଜଙ୍ଗଲରେ ମୃତ ଶରୀର ଝୁଲନ୍ତା ଅବସ୍ଥାରେ ମିଳିବାରୁ ସ୍ଥାନୀୟ ଅଂଚଳରେ ଶୋକାକୂଳ ପରିବେଶ ଦେଖିବାକୁ ମିଳିଛି । ତେବେ ମାଡ଼ ଓ ଅପମାନ ସହ ଅର୍ଥ ଦାବୀ ମାନସିକ ଭାବେ ଚାପ ପଡିବା ଯୋଗୁଁ ଭାଇ ବାଧ ହୋଇ ଆତ୍ମହତ୍ୟା କରିଥିବା ଭଳି ସଙ୍ଗିନୀ ଅଭିଯୋଗ ଆଣିଛନ୍ତି ମୃତକଙ୍କ ଭାଇ ରବି ମଣ୍ଡଳ। ସୂଚନା ମୁତାବକ କାଲିମେଲା ଥାନା ଅନ୍ତର୍ଗତ ଏମପିଭି ୫୧ ଗ୍ରାମର ସମରେଶ ମଣ୍ଡଳ ଗତ ଶୁକ୍ରବାର ରାତିରେ କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି ୬୬ ଗ୍ରାମର ନାବାଳିକା ପ୍ରେମିକା ଙ୍କୁ ସାକ୍ଷାତ କରିବା ପାଇଁ ଏମଭି ୭୨ ଗ୍ରାମରେ ରହୁଥିବା ପ୍ରେମିକା ଙ୍କ ଭଉଣୀ ଘରକୁ ଯାଇଥିଲେ। ଏହି ସମୟରେ ସେହି ଝିଅର ଜ୍ୱାଇଁ, ଗ୍ରାମର ବିଜେଡି କର୍ମୀ ଶଙ୍କର ହାଲଦାର ଓ ବଜରଙ୍ଗ କମିଟିର ସଦସ୍ୟ ମାନେ ସମରେଶ ଙ୍କୁ ଧରି ମାରପିଟ କରିବା ସହ ସାରା ରାତି ଗୋଟିଏ କୋଠାରୀରେ ବନ୍ଦ କରି ରଖିଥିଲେ। ଏହାପରେ ସକାଳେ ତାଙ୍କ ଭାଇକୁ ଡାକି ହସ୍ତାନ୍ତର କରିଥିଲେ। ଏହା ପରେ ଉଭୟ ଭାଇ ଗାଆଁ କୁଶନିବାର ଫେରିଥିଲେ ହେଲେ ସେହିଦିନ ଅପରାହ୍ନ ଠାରୁ ସମରେଶ ନିଖୋଜ ରହିଥିଲେ। ତେବେ ଗତକାଲି ସନ୍ଧ୍ୟାରେ ସମରେଶ ର ମୃତ ଶରିର ଏମପିଭି ୫୧ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଗଛ ଡାଳରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।ତେବେ ସେ ଗତ ଶୁକ୍ରବାର ରାତିରେ ଏମଭି ୭୨ ଗ୍ରାମର ଜଣେ ଯୁବକଙ୍କ ଆକଉଂଟ କୁ ୧୮ ୯୪୫ଟଙ୍କା ପଠାଇଥିବା ଜଣାପଡିଥିଲା ବେଳେ ତାଙ୍କ ଉପରେ ଅର୍ଥ ପାଇଁ ଚାପ ପକାଉଥିବା ବିଭିନ୍ନ ତଥ୍ୟ ପରିବାର ଲୋକ ପାଇଥିଲେ। ଏ ନେଇ ପରିବାର ଲୋକେ ତୁରନ୍ତ କାଲିମେଲା ପୋଲିସକୁ ଅବଗତ କରାଇବା ସହ ଏହା ଆର୍ଥିକ ଓ ମାନସିକ ଚାପ ଗ୍ରସ୍ତ ଯୋଗୁଁ ହୋଇଥିବା କହିଛନ୍ତି। ମୁଖ୍ୟତଃ ଏମଭି ୭୨ ଗ୍ରାମରେ ରହୁଥିବା ଶଙ୍କର ଓ ତାଙ୍କ ସହଯୋଗୀ ଏଥିରେ ସାମିଲ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ନଗଦ ପ୍ରାୟ ୮୦ ହଜାର ଟଙ୍କା ଓ ଅନ୍ଲାଇନ୍ ପେ ମାଧ୍ୟମରେ ୧୮ ହଜାର ଟଙ୍କା ନେବା ସହ ବାରମ୍ବାର ଆର୍ଥିକ ଓ ମାନସିକ ଚାପ ଦେବାରୁ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏ ବାବଦରେ ଏମଭି ୭୨ ଗ୍ରାମର ଶଙ୍କର ଓ ବଜରଙ୍ଗ ଦଳର ସଦସ୍ୟଙ୍କୁ ପଚାରିବାରୁ ଶୁକ୍ରବାର ରାତିରେ ସହଦେବ କୁ ତାଙ୍କ ପ୍ରେମିକା ସହ ଧରିବା ପରେ ହୋଇଥିବା ଝଗଡ଼ା ବେଳେ ସହଦେବ ଏକ ଟିଭି ଭାଙ୍ଗିଦେଇ ଥିବାରୁ ସେ ବାବଦରେ ଅର୍ଥ ଦେଇଥିବା କହିଛନ୍ତି। ଏଥିସହ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଓ ଗ୍ରାମବାସୀ ଦାବି କରିଛନ୍ତି।

# ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ପ୍ରଶାସନିକ ସ୍ତରରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ପ୍ରସ୍ତୁତି ବ୍ୟବସ୍ଥା ତଦାରଖ କରିବାକୁ ଶ୍ରୀ ଜେନା ସମ୍ପୃକ୍ତ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଚଳିତ ମାସ ନଭେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ୩ ଦିନ ପ୍ରଥମ ପର୍ଯ୍ୟାୟରେ ମୟୂରଭଂଜ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ୨୬ ତାରିଖ ଅପରାହ୍ଣରେ ଭୁବନେଶ୍ୱରେ ପହଂଚି ୨୭ ତାରିଖରେ ପାରାଦ୍ୱୀପରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେବେ। ଉଭୟ ପର୍ଯ୍ୟାୟର ରାଷ୍ଟ୍ରପତିଙ୍କଏହି ୫ ଦିନରଗସ୍ତକାର୍ଯ୍ୟକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀଅନୁଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଡି.କେ.ସିଂ, ପୋଲିସ ଡିଜି ସୁନିଲ କୁମାର ବଂଶଲ,ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିଜିପି ପ୍ରତୀକ ସିଂଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ବରିଷ୍ଠ ଅଧିକାରୀ, ଗୋଇନ୍ଦା ବିଭାଗ ତଥା ସୁରକ୍ଷା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ।ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ରାଷ୍ଟ୍ରପତିଙ୍କଗସ୍ତ ସଂପର୍କରେ ବିଶଦ୍ ସୂଚନା ପ୍ରଦାନ କରିଥିଲେ।କେନ୍ଦ୍ରାଂଚଳ ତଥା ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦାନ କରିଥିଲେ ।ସମସ୍ତ ଉତ୍ସବ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା ସହିତ ଜେନେରେଟର ଓ ଅତିରିକ୍ତ ଜେନେରେଟର ବ୍ୟବସ୍ଥା ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ଏହାକୁ ନିଶ୍ଚିତ କରିବାକୁ କହିଛନ୍ତି । ରାଷ୍ଟ୍ରପତି ଓଡ଼ିଶାରେ ପହଂଚିବାଠାରୁ ଆରମ୍ଭ କରି ଗସ୍ତ କାର୍ଯ୍ୟକ୍ରମ ସାରି ପ୍ରତ୍ୟାବର୍ତନ କରିବା ପର୍ଯ୍ୟନ୍ତସମସ୍ତ କାର୍ଯ୍ୟକ୍ରମ ସଂପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ସ୍ଥଳକୁ ମାନ୍ୟବର ରାଷ୍ଟ୍ରପତି ମହୋଦୟାଙ୍କୁ ପାଛୋଟି ନେବା , ତାଙ୍କର ରହଣି, ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟକ୍ରମ ସମନ୍ୱୟ ଅଧିକାରୀଙ୍କ ଦାୟିତ୍ୱ, କାରକେଡ୍ ବ୍ୟବସ୍ଥା, ଗସ୍ତ କାର୍ଯ୍ୟକ୍ରମ ରାସ୍ତାରେ ବେରିକେଡ୍ ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ଖାଦ୍ୟ ଯାଂଚ, ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ, ଚିକିତ୍ସା, ପରିମଳ ବ୍ୟବସ୍ଥା,ପାନୀୟ ଜଳ ଯୋଗାଣ, ମଂଚ ପ୍ରସ୍ତୁତି,ଦର୍ଶକଙ୍କ ବସିବା ସ୍ଥଳ, ବେରିକେଡିଂ ବ୍ୟବସ୍ଥା, ଆବଶ୍ୟକ ସଂଖ୍ୟକ ପାସ୍ ବ୍ୟବସ୍ଥା, ଗଣମାଧ୍ୟମରେ ପ୍ରଚାରପ୍ରସାର ଓ କାର୍ଯ୍ୟକ୍ରମସ୍ଥଳକୁ ନିରବଚ୍ଛିନ୍ନ ଇଂଟରନେଟ୍ ଓ ୱାଇ-ଫାଇ ସୁବିଧା ସଂପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା। ଗୃହ ବିଭାଗରେ ଏଥିପାଇଁ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବ ବୋଲି ବୈଠକରୁ ଜଣାଯାଇଛି ।

# ଯମ ଦ୍ୱିତୀୟାରେ ଭଉଣୀ ଘରେ ମିଠା ଖାଇଲେ ଶ୍ରୀଲିଙ୍ଗରାଜ



ପୁରୁଣା ଭୁବନେଶ୍ୱର, ୧୬/୧୧ (ନି.ପ୍ର): ପବିତ୍ର କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ଅବସରରେ ଆଜି ଏକାମ୍ର କ୍ଷେତ୍ରରେ ଯମ ଦ୍ୱିତୀୟା ପାଳିତ ହୋଇଯାଇଛି। ଏହି ଅବସରରେ ବିଧି ଓ ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ତାଙ୍କ ଭଉଣୀ ମା' କାମାକ୍ଷା ଠାକୁରାଣୀଙ୍କ ମନ୍ଦିରକୁ ଯାତ୍ରା କରିଥିଲେ। ସେବାୟତଙ୍କ ଗହଣରେ ସୁସଜ୍ଜିତ ପାଲିଙ୍କିରେ ବସି ପ୍ରଭୁ ପ୍ରଥମେ ଯମେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ପୁରାଣ ଅନୁସାରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ ଧର୍ମରାଜ ଯମଙ୍କୁ ଦେଇଥିବା ବଚନ ରକ୍ଷା କରିବା ପାଇଁ ମା' ପାର୍ବତୀ, ଦେବୀ ଭୁବନେଶ୍ୱରୀ ଓ ଶ୍ରୀବାସୁଦେବଙ୍କ ସହିତ ଯମେଶ୍ୱରଙ୍କ ଦେଉଳକୁ ବିଜେ କରନ୍ତି। ସେଠାରେ ଆଳତି ବିଧି ସରିବା ପରେ ମହାପ୍ରଭୁ ଯମେଶ୍ୱର ଦେଉଳ ଜଗମୋହନକୁ ବିଜେ କରିଥିଲେ। ସେଠାରେ ପ୍ରଭୁ ଯମେଶ୍ୱରଙ୍କ ସହ ଭେଟ ଆଳତି ହୋଇଥିଲା ଏବଂ ଏହାପରେ ଯମେଶ୍ୱର ଦେଉଳରୁ ଶ୍ରୀଲିଙ୍ଗରାଜ ଭଉଣୀ ଦେବୀ ମା' କାମାକ୍ଷୀ ଠାକୁରାଣୀଙ୍କ ମନ୍ଦିର ଅଭିମୁଖେ ବାହୁଡ଼ିଥିଲେ। ନିକଟସ୍ଥ ଭାରତୀ ମଠରେ ମା' କାମାକ୍ଷାଙ୍କ ସହ ଭେଟ ଆଳତି ହୋଇଥିଲା। ଭଉଣୀ ଘରେ ବିଜେ କରିବା ପରେ ଶ୍ରୀଲିଙ୍ଗରାଜଙ୍କୁ ମିଠା ବ୍ୟଞ୍ଜନ ଅର୍ପଣ କରାଯାଇଥିଲା। ଏହାପରେ ମହାପ୍ରଭୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏହି ଯାତ୍ରା ଦେଖିବାକୁ ଆଜି ଶହଶହ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇ ଅପେକ୍ଷା କରିଥିଲେ।

# ବିକଶିତ ଭାରତ ଗଠନ ସମସ୍ତଙ୍କ ସଂକଳ୍ପ ହେଉ: ରାଜ୍ୟପାଳ



କେନ୍ଦୁଝର, ୧୬/୧୧ (ନି.ପ୍ର): ବିକଶିତ ଭାରତ ଗଠନ ସମସ୍ତଙ୍କ ସଂକଳ୍ପ ହେବା ଆବଶ୍ୟକ। ଜନକଲ୍ୟାଣ ପାଇଁ ହୋଇଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟକ୍ରମର ସଫଳ ରୂପାୟନ ସହ ଜନଜାତିଙ୍କ ଆସ୍ଥାଭାଜନ ହେବାକୁ ସରକାରୀ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହେବାକୁ ରାଜ୍ୟପାଳ ରଘୁବର ଦାସ ପରାମର୍ଶ ଦେଇଛନ୍ତି। ଆଜି ରାଜ୍ୟପାଳ ଶ୍ରୀ ଦାସ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ କରିବା ସହ କେନ୍ଦୁଝର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ଏହା କହିଛନ୍ତି।

ଦେଶରେ ସ୍ୱାଧୀନତା ହାସଲର ୭୫ ବର୍ଷ ପୂର୍ତ୍ତି ପାଳନ ହେଉଛି। ଏହି ଅବସରରେ ଦେଶର ପ୍ରତ୍ୟେକ ସଂଗ୍ରାମୀଙ୍କ ଦେଶପ୍ରେମ, ତ୍ୟାଗ ଓ ବୀରତ୍ୱ ସମ୍ବଳିତ ଜୀବନାବଳୀକୁ ଲୋକଲୋଚନକୁ ଆଣି ଯଥୋଚିତ ସମ୍ମାନ ପ୍ରଦାନ କରାଯାଉଛି। ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ବାସ୍ତବରେ ଜନଜାତି ସମ୍ପ୍ରଦାୟର ସାମୂହିକ ବିକାଶ କରିବା ଲାଗି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରି ହିତାଧିକାରୀଙ୍କଠାରୁ ସେମାନଙ୍କ ମତାମତ ସଂଗ୍ରହ କରିବା ଏବଂ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ଏହି ସଂକଳ୍ପ ଯାତ୍ରାର ଲକ୍ଷ୍ୟ ବୋଲି ରାଜ୍ୟପାଳ କହିଥିଲେ।ଓଡ଼ିଶାରେ ୬୨ ପ୍ରକାର ଜନଜାତିର ଲୋକ ବାସକରନ୍ତି। ଏଥିରୁ ପ୍ରାୟ ୧୩ଟି ଆଦିମ ଜନଜାତି ବର୍ଗର। କେନ୍ଦୁଝର ମଧ୍ୟ ଏକ ଆଦିବାସୀ ବହୁଳ ଜିଲ୍ଲା। ଏହି ମାଟିର ଧରଣୀଧର ନାଏକ ତଥା ଅନ୍ୟ ବରପୁତ୍ରଙ୍କ ସ୍ୱାଧୀନତା ସଂଗ୍ରାମ ପ୍ରତି ଥିବା ଅବଦାନକୁ କେହି ଭୁଲି ପାରିବେ ନାହିଁ। ସଂକଳ୍ପ ଓ କ୍ରାନ୍ତିକୁ ଜାବୁଡ଼ି ଧରିଥିବା କେନ୍ଦୁଝର ଜିଲ୍ଲାରେ ଆସନ୍ତା ଜାନୁଆରି ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବିକଶିତ ସଂକଳ୍ପ ଯାତ୍ରାରେ ଏହି ଜିଲ୍ଲାର ବାସିନ୍ଦାମାନେ ବହୁଳ ଭାବେ ସାମିଲ ହେଇ ବିକାଶର ନୂତନ ଅଧ୍ୟାୟ ଯୋଡ଼ିବେ ବୋଲି ରାଜ୍ୟପାଳ କହିଛନ୍ତି। କେନ୍ଦୁଝର ମାଟିରେ ଉଭୟ କ୍ରାନ୍ତି ଓ ସଂକଳ୍ପର ଅପୂର୍ବ ସଙ୍ଗମ ଘଟିଛି। ଜନଜାତିଙ୍କ ମଧ୍ୟରେ ଅପୂର୍ବ ଏକତା ଦେଖିବାକୁ ମିଳିଥାଏ, ଯାହା ସେମାନଙ୍କୁ ସ୍ୱତନ୍ତ୍ର କରିଥାଏ। ଜନଜାତିଙ୍କର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ଓ କାର୍ଯ୍ୟକ୍ରମ କରାଯାଉଛି। ଫଳରେ ସେମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ପରିଲକ୍ଷିତ ହେଉଛି। ଆର୍ଥିକ ଓ ସାମାଜିକସ୍ତରରେ ସେମାନଙ୍କ ବିକାଶ, ପ୍ରତି ଯୋଜନାର ଲକ୍ଷ୍ୟ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍‌ବୋଧନର ସିଧାପ୍ରସାରଣ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଠାକ୍‌ରେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ରଞ୍ଜନା ଚୋପ୍ରା, ଜିଲ୍ଲାପରିଷଦ ସଭାପତି ସାଗରିକା ସାହୁ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପତାକା ଦେଖାଇ ବିକଶିତ ଭାରତ ସଂକଳ୍ପ ଯାତ୍ରା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଡିଏମ୍‌ଏଫ୍‌ର ବରିଷ୍ଠ ଅଧିକାରୀ ଡ. ସତ୍ୟସ୍ୱରୂପ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲ୍ଲାପାଳ ଆଶିଷ ଠାକ୍‌ରେ ଓ ଏସ୍‌ପି ନୀତିନ କୁଶଲକର ଡାଗୁଡ଼ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହେଇଥିଲା।

## ରାସ୍ତା ଉପରେ ଗଛ ପଡିବାରୁ ଯାତାୟତ ବାଧାପ୍ରାପ୍ତ

କୋରେଇ, ୧୬/୧୧ (ନି.ପ୍ର): ପାଣିକୋଇଲି ଅମୃତିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଉପରେ ଗଛ ଉପୁଡିପଡିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ଏହି ରାସ୍ତାଟି ଏକ ଗରୁତ୍ୱପୂର୍ଣ୍ଣ ରାସ୍ତା ଅଟେ । ବୈତରଣୀରୋଡ ରେଳ ଷ୍ଟେସନ ଠାରୁ ଆରମ୍ଭ କରି ୪/୫ଟି ପଂଚାୟତର ଅଧିବାସୀ ଏହା ଉପରେ ନିର୍ଭର କରନ୍ତି । ଏହି ରାସ୍ତାର ଖୋସାଲପୁର ଗ୍ରାମ ନିକଟରେ ଗଛଟି ଭାଂଗି ସମ୍ପୂର୍ଣ୍ଣ ରାସ୍ତା ବନ୍ଦ ହୋଇଯାଇଛି। ଗଛ ଭାଙ୍ଗିବାର କୌଣସି କାରଣ ମଧ୍ୟ ଜଣାପଡିନାହିଁ । ସୌଭାଗ୍ୟ ବଶତଃ ଗଛ ପଡିବା ସମୟରେ କେହି ନଥିବାରୁ କାହାର କିଛି କ୍ଷତି ହୋଇନାହିଁ । କିନ୍ତୁ ଏହା ଭାଙ୍ଗିବା ଦ୍ୱାରା ରାସ୍ତାରେ ଯାତାୟତ କରୁଥିବା ଲୋକ, ସ୍ଥାନୀୟ ବାସିନ୍ଦା ଓ ଛାତ୍ର/ଛାତ୍ରୀ ଅସୁବିଧାର ସମ୍ମୁଖିନ ହୋଇଛନ୍ତି ।

# ପୁରୁଣା ଢଳେଇ ରାସ୍ତାରେ ଫାଟ: ଉପରେ ବାଲି ବିଛାଯାଇ ପଡୁଛି ଟାଇଲ

## ରାସ୍ତାର ଅବଧି ତିନିମାସ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ସରୁନି କାର୍ଯ୍ୟ

ସାଲେପୁର, ୧୬/୧୧ (ନି.ପ୍ର): କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ବ୍ଲକର ପୂର୍ବାଂଚଳର ଏକ ପ୍ରମୁଖ ରାସ୍ତା ଖନ୍ଦୋଳ-ଉମର-ଝାଡେଶ୍ୱରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ସୂଚନା ଫଳକରେ ରାସ୍ତା କାର୍ଯ୍ୟାରମ୍ଭ ଦିବସ ୯.୯.୨୦୨୨ ଓ କାର୍ଯ୍ୟ ଶେଷ ୮.୮.୨୦୨୩ ଉଲ୍ଲେଖ ରହିଛି । ନିର୍ମାଣ ଅଟକଳ ୬୨୨.୪୧ ଲକ୍ଷ ହୋଇଥିଲା ବେଳେ ରାସ୍ତାର ମୋଟ ଦୈର୍ଘ୍ୟ ୯.୪୦୦ କି.ମି. ପକ୍କା ରାସ୍ତାର ଦୈର୍ଘ୍ୟ ୧.୬୦୦ କି.ମି. ପିଚୁ ରାସ୍ତାର ଦୈର୍ଘ୍ୟ ୭.୭୯୦ କି.ମି. ରହିଥିଲା ବେଳେ ଢଳେଇ କାର୍ଯ୍ୟ ପାଇଁ ମୋଟ ୬୨୦୯ ବସ୍ତା ସିମେଣ୍ଟ ଲାଗିବା ସଂପର୍କିତ ତଥ୍ୟ ସୂଚନା ଫଳକରେ ରହିଛି ଅପରପକ୍ଷରେ ପୁରୁଣା ଢଳେଇ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ଦୁଇ ପାଶ୍ୱର୍ରେ ଢଳେଇ ନକରାଯାଇ ଗୋଟିଏ ପାଶ୍ୱର୍ରେ ଢଳେଇ ବନ୍ଧ କରାଯାଇ ରାସ୍ତା ମଝିରେ ବାଲି ବିଛାଇ ଠିକାଦାର ଜଣକ ଟାଇଲ ପକାଉଛନ୍ତି । ନୂତନ ରାସ୍ତାର ଚଉଡା ସଂପର୍କିତ ତଥ୍ୟ ଫଳକରେ ଉଲେଖ ନଥିଲା ବେଳେ ପୁରୁଣା ରାସ୍ତା ଉପରେ ନୂତନ ରାସ୍ତା ନିର୍ମାଣ କରାଯାଉଛି କାହାସ୍ୱାର୍ଥରେ । ଠିକ୍ ଭାବରେ ଟାଇଲ ପଡୁନଥିବାରୁ ଆଗାମୀ ଦିନରେ ଯାତାୟାତରେ ସମସ୍ୟା ସୃଷ୍ଟି ହେବ ବୋଲି ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୋଟିଏ ପାଶ୍ୱର୍ ଢଳେଇ ବନ୍ଧ କରାଯାଇ ଟାଇଲ ପଡୁଥିବାରୁ ଅନ୍ୟ ପାଶ୍ୱର୍ରେ ଢଳେଇ ବନ୍ଧ ନଥିବାରୁ ଟାଇଲଗୁଡିକ ଅଳ୍ପ ଦିନରେ ବାହାରିଯିବାର ଆଶଙ୍କା ସୃଷ୍ଟି ହୋଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଏହି ରାସ୍ତାକାର୍ଯ୍ୟ ଚାଲୁଥିଲା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ ରାସ୍ତାର ନିର୍ମାଣ କାର୍ଯ୍ୟ ତଦାରଖ ଠିକ୍ ଭାବେ କରୁନଥିବା ବେଳେ ବେଳେ କେବଳ ନିର୍ମାଣ କାର୍ଯ୍ୟକୁ ପରିଦର୍ଶନ କରି ଚାଲିଯାଉଥିବା ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ହୋଇ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ଅବଧି ଶେଷ ହେଲାଣି ହେଲେ କାର୍ଯ୍ୟ ସରୁନି, ଅନେକ ସ୍ଥାନରେ ରାସ୍ତା ଖୋଳାଯାଇଥିବାରୁ ଜନସାଧାରଣ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ନିମ୍ନମାନର ରାସ୍ତା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କଠାରେ ସର୍ବସାଧାରଣରେ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ ସାଧାରଣ ବଂଟନ ବ୍ୟବସ୍ଥା ସର୍ତକତା ସମିତି ବୈଠକ

କେନ୍ଦ୍ରାପଡ଼ା, ୧୬/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣ ବଂଟନ ବ୍ୟବସ୍ଥା ସର୍ତକତା ସମିତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇ ଅଛି। କେନ୍ଦ୍ରାପଡା ଜିଲ୍ଲାରେ ସାଧାରଣ ବଂଟନ ବ୍ୟବସ୍ଥାକୁ ଗରିବ ଓ ପ୍ରକୃତ ଲୋକ ମାନଙ୍କ ନିକଟରେ କିପରି ସଠିକ୍ ଢଙ୍ଗରେ ପହଂଚି ପାରିବ ଓ ଲୋକମାନେ ରାଜ୍ୟ ସରକାରଙ୍କ ତରଫରୁ ନିଆ ଯାଉଥିବା ଜନ ମଙ୍ଗଳକାରୀ କାର୍ଯ୍ୟକ୍ରମର ସୁଫଳ କିପରି ପାଇ ପାରିବେ ତା ଉପରେ ଗୁରୁତ୍ୱ ଦେବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିଷ୍ଠାପର ସହ କାର୍ଯ୍ୟ କରିବାକୁ ଅନୁରୋଧ ରଖିଥିଲେ। ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ବଂଟନ ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତିକୁ ଦୂର କରିବା ସହ ଏଥିରେ ସ୍ୱଚ୍ଛତା ଆଣିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ଅଭିଯୋଗ ସମାଧାନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ ସାଧାରଣ ବଂଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁଦୃଢ କରିବା ପାଇଁ ଗଠନ କରାଯାଇଥିବା ବିଭିନ୍ନ ସର୍ତକତା ସମିତି, ସୋସିଆଲ୍ ଅଡିଟ୍ ଏବଂ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସ୍କ୍ୱାର୍ଡର ଗଠନ ସଂପର୍କରେ ଅବଗତ କରାଇଥିଲେ ଏବଂ ଦୋଷ ପାଇଁ ଥିବା ଦଣ୍ଡ ବ୍ୟବସ୍ଥାର ଅଧିନିୟମ ଗୁଡିକ ବିଷୟରେ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନିତା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀ, କେନ୍ଦ୍ରାପଡା ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ମାର୍ଶାଘାଇ ପଂଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, କେନ୍ଦ୍ରାପଡା ପଂଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ସେଠୀ, ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସହକାରୀ ଯୋଗାଣ ଅଧିକାରୀ ଓ ଯୋଗାଣ ନିରୀକ୍ଷକ ଓ ସ୍ୱେଚ୍ଛାକୃତ ଉପଭୋକ୍ତା ସଂଗଠନର ସଦସ୍ୟ ପ୍ରଶାନ୍ତ କୁମାର ମିଶ୍ର, ଜୟଦେବ ସିଂହ ଉପସ୍ଥିତ ଥିଲେ। ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହ ପରି ଶେଷରେ ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମକେଏସ୍‌ପିର ୩୫ ତମ ଶିଶୁକ୍ରୀଡା ଉତ୍ସବ ଅନୁଷ୍ଠିତ

କନ୍ଧମାଳ , ୧୬/୧୧ (ନି.ପ୍ର): ଫୁଲବାଣୀର ସର୍ବପୁରାତନ ଅନୁଷ୍ଠାନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ୩୫ ତମ ଶିଶୁ କ୍ରୀଡ଼ା ଉତ୍ସବ ପାଳିତ ହୋଇ ଯାଇଛି । ଫୁଲବାଣୀ ପୌର ପରିଷଦର ସମସ୍ତ ସ୍କୁଲର ଚାତ୍ର ,ଛାତ୍ରୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ନର୍ସରୀ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା କ୍ରୀଡାବିତଙ୍କ ମାନଙ୍କ ମଧ୍ୟରେ ୨୯ ଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ତିନି ଦିନ ବ୍ୟାପି ଏହି ଶିଶୁକ୍ରୀଡ଼ା ଉତ୍ସବକୁ ଜିଲ୍ଲା କ୍ରୀଡ଼ା ସଙ୍ଘର ସମ୍ପାଦକ ଶିବ ପ୍ରସାଦ ମିଶ୍ର ଉଦଘାଟନ କରିଥିବା ବେଳେ, ଫୁଲବାଣୀ ପୌରପରିଷଦର ନିର୍ବାହୀ ଅଧିକାରୀ ଅଜିତ୍ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ଉଦବୋଧନ ଦେଇଥିଲେ । ଶିଶୁ ଦିବସ ଅବସରରେ ନଭେମ୍ବର ୧୪ ତାରିଖ ଦିନ ପରିଷଦର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ କନ୍ଧମାଳ ଜିଲ୍ଲା କ୍ରୀଡା ଅଧିକାରୀ ସମୀର ରଞ୍ଜନ ନାୟକ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଓ ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁର ଯୋଗଦେଇ କନ୍ଧମାଳରେ ଭବିଷ୍ୟତରେ ଭଲ କ୍ରୀଡ଼ାବିତ୍ ସୃଷ୍ଟିହେବା ପାଇଁ ଛାତ୍ର, ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।୩୫ ବର୍ଷ ହେବ ଚାଲିଥିବା ଶିଶୁ କ୍ରୀଡ଼ା ଉତ୍ସବର ଭବିଷ୍ୟତ କାମନା ସହ ଉଚ୍ଚ ପ୍ରଶଂସା କରିଥିଲେ । ଇଶରାଣୀ ବେହେରା ଓ ଶ୍ରଦ୍ଧାଞ୍ଜଳି କହଁରଙ୍କୁ ଶ୍ରାବଣୀ ନନ୍ଦ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା ।କ୍ରୀଡ଼ା ଶିକ୍ଷକ ରଙ୍କନିଧି ବେହେରା,ପ୍ରଶାନ୍ତ ଚନ୍ଦ୍ର ବେହେରା, ବିଭୂତି ଭୂଷଣ ବେହେରା, ସଞ୍ଜୀବ ବେହେରା, ଗୌର ଚନ୍ଦ୍ର ମହାନ୍ତି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ପରିଷଦର ସଭ୍ୟ ବିପିନ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର,ଶଶି ଭୂଷଣ ପ୍ରଧାନ,ଶରତ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ମିଶ୍ର,ସଚ୍ଚିଦାନନ୍ଦ ମହାପାତ୍ର ପ୍ରସନ୍ନ କୁମାର ବିଷୋୟୀ,ମହେନ୍ଦ୍ର ସୁବୁଦ୍ଧି,ପ୍ରଭାତ କୁମାର ଦାସ,ସଂଗ୍ରାମ ସିଂ ପଟ୍ଟନାୟକ ପ୍ରଭୃତି ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଟ ସଭ୍ୟ ବନ ବିହାରୀ ନନ୍ଦ ଓ କ୍ରୀଡ଼ା ସମ୍ପାଦକ ଦିଲୀପ କୁମାର ବାଘ ପରିଚାଳନା କରିଥିଲେଶେଷରେ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ଶିଶୁ ଉତ୍ସବ ପାଳିତ

ଧର୍ମଶାଳା, ୧୬/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ସ୍ଥିତ କଳ୍ପତରୁ ଦାସ ଶିଶୁ ଉଦ୍ୟାନ ପରିସରରେ ଶିଶୁ ଉତ୍ସବ ୨୦୧୩ ଅନୁଷ୍ଠିତ ହୋଇଯାଇଛି । କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗୀତ,ନୃତ୍ୟ ଓ ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟତମ ଅତିଥି ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ,ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ପୁରସ୍କାର ବିତରଣୀ ଉତ୍ସବରେ ସାମିଲ ହୋଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ବିଶ୍ୱର ବିଶାଳ ଷ୍ଟାଡ଼ିୟମ୍

ବିଶ୍ୱରେ ଏପରି ଅନେକ ଷ୍ଟାଡ଼ିୟମ ରହିଛି, ଯେଉଁଥିରେ ଫୁଟବଲ୍, କ୍ରିକେଟ ଆଦି ଖୋଳାଯାଇଥାଏ। ସର୍ବାଧିକ ଷ୍ଟାଡ଼ିୟମ ଦୃଷ୍ଟିରୁ ଅନ୍ୟ ମହାଦେଶଗୁଡ଼ିକ ତୁଳନାରେ ୟୁରୋପ ଆଗରେ। ଏଠାକାର ଅଧିକାଂଶ ଷ୍ଟାଡ଼ିୟମରେ ଫୁଟବଲ ଖୋଳାଯାଇଥାଏ। ବସିବାର କ୍ଷମତା ଓ ଦର୍ଶକଙ୍କ ପସନ୍ଦର ହୋଇଥିବା ବିଶ୍ୱର କେତୋଟି ଶ୍ରେଷ୍ଠ ଷ୍ଟାଡ଼ିୟମ ସମ୍ପର୍କରେ ଆସନ୍ତୁ ଜାଣିବା।

**ଆଲିଆଞ୍ଜ ଏରିନା:**
ଏହି ଷ୍ଟାଡ଼ିୟମ୍ ଜର୍ମାନୀରେ ଅବସ୍ଥିତ। ଆଲିଆଞ୍ଜଙ୍କ ନାମୁନାଯାୟୀ ଏହି ଷ୍ଟାଡ଼ିୟମର ନାମ ଆଲିଆଞ୍ଜ ଏରିନା ରଖାଯାଇଛି। ଏଥିରେ ପ୍ରାୟ ୭୫ ହଜାର ଦର୍ଶକ ବସି ପାରିବେ। ଏହି ଷ୍ଟାଡ଼ିୟମରେ ବିଶେଷ କରି ଫୁଟବଲ ମ୍ୟାଚ ହୋଇଥାଏ। ୟୁରୋପର ସର୍ବବୃହତ୍ ଷ୍ଟାଡ଼ିୟମ ମଧ୍ୟରେ ଆଲିଆଞ୍ଜ ଅନ୍ୟତମ। ୩୪୦ ନିୟୁତ ୟୁରୋ ବ୍ୟୟରେ ଏହାର ଗ୍ୟାଲେରୀ ପ୍ରସ୍ତୁତ କରାଯାଇଛି।



**ଲୁଝିଙ୍କି ଷ୍ଟାଡ଼ିୟମ:**
ରୁଷର ରାଜଧାନୀ ମସ୍କୋରେ ଏହି ଷ୍ଟାଡ଼ିୟମ ଅବସ୍ଥିତ। ଏହି ଷ୍ଟାଡ଼ିୟମରେ ବସିବା କ୍ଷମତା ୭୮,୪୬୦। ଟୋର୍ପେଡୋ ଫୁଟବଲ ଟିମର ଏହା ହୋମ ଗ୍ରାଉଣ୍ଡ। ଏହି ଖେଳ ପଡ଼ିଆ ରୁଷର ସର୍ବବୃହତ ଷ୍ଟାଡ଼ିୟମ ଗୁଡ଼ିକ ମଧ୍ୟରେ ଅନ୍ୟତମ।

**ସାନ ସିରୋ:**
ଏହି ଷ୍ଟାଡ଼ିୟମ୍ ୟୁରୋପର ପଂଚମ ବୃହତ ଷ୍ଟାଡ଼ିୟମ। ଏସି ମିଲାନ ଓ ଇଣ୍ଟର ମିଲାନ ଫୁଟବଲ୍ ଟିମର ଏହା ହୋମ ଗ୍ରାଉଣ୍ଡ। ଏହି ଷ୍ଟାଡ଼ିୟମ ଇଟାଲୀର ମିଲାନରେ ଅବସ୍ଥିତ। ଏହି ଷ୍ଟାଡ଼ିୟମରେ ପ୍ରାୟ ଅଶୀ ହଜାର ଦର୍ଶକ ବସିପାରିବେ ୧୯୨୬ ରେ ଷ୍ଟାଡ଼ିୟମ ନିର୍ମାଣ କରାଯାଇଥିଲା।



**ଓ୍ୱେମ୍ବଲେ ଷ୍ଟାଡ଼ିୟମ:** ପ୍ରାୟ ୯୦ ହଜାର ଦର୍ଶକ ଏହି ଷ୍ଟାଡ଼ିୟମରେ ବସିପାରିବେ। ଏହା ବିଶ୍ୱର ୨ୟ ସର୍ବବୃହତ ଫୁଟବଲ ଷ୍ଟାଡ଼ିୟମ୍। ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଏହି ବିଶ୍ୱ ପ୍ରସିଦ୍ଧ ଷ୍ଟାଡ଼ିୟମ ଅବସ୍ଥିତ। ଇଂଲଣ୍ଡ ଜାତୀୟ ଫୁଟବଲ ଦଳର ଏହା ଘରୋଇ ପଡ଼ିଆ। ଫୁଟବଲ ବ୍ୟତୀତ ଏହି ଷ୍ଟାଡ଼ିୟମରେ ଅନେକ ପ୍ରକାର ଖେଳ ଅନୁଷ୍ଠିତ ହୋଇଥାଏ।



**ସିଗନାଲ ଇଡୁନା ପାର୍କ:**
ଜର୍ମାନୀର ଡର୍ଟମୁଣ୍ଡରେ ଏହି ଷ୍ଟାଡ଼ିୟମ ଅବସ୍ଥିତ। ବିଶ୍ୱର ସୁନ୍ଦରତମ ଷ୍ଟାଡ଼ିୟମ ଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ। ଦେଶର ଏହା ବୃହତ୍ତମ ଷ୍ଟାଡ଼ିୟମ। ଏଥିରେ ପ୍ରାୟ ୮୧,୩୬୦ ଦର୍ଶକ ବସି ପାରିବେ। ବୋର୍ସୁଆ ଡର୍ଟମୁଣ୍ଡ ଦଳର ଏହା ଘରୋଇ ପଡ଼ିଆ।



**ଷ୍ଟେଡ୍ ଡି ଫ୍ରାନ୍ସ:** ୟୁରୋପର ଏହା ଷଷ୍ଠ ସର୍ବବୃହତ୍ ଷ୍ଟାଡ଼ିୟମ। ଫ୍ୟାନ୍ସ ଜାତୀୟ ଫୁଟବଲଦଳର ଏହା ହୋମ ଗ୍ରାଉଣ୍ଡ। ଉତ୍ତର ପ୍ୟାରିସରେ ଏହି ଷ୍ଟାଡ଼ିର୍ୟମ ଅବସ୍ଥିତ। ୧୯୯୮ରେ ଏହି ଷ୍ଟାଡ଼ିୟମରେ ଫିଫା ବିଶ୍ୱକପ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ଏହି ଷ୍ଟାଡ଼ିୟମରେ ୮୧,୩୩୮ ଜଣ ଦର୍ଶକ ବସିପାରିବେ।



**କ୍ୟାମ୍ପ ନୌ:** ଏହି ଷ୍ଟାଡ଼ିୟମ ଏଫସି ବାର୍ସେଲୋନାର ଘରୋଇ ଖେଳ ପଡ଼ିଆ।ଏହି ଷ୍ଟାଡ଼ିୟମ ହେଉଛି ୟୁରୋପର ସର୍ବବୃହତ ଓ ବିଶ୍ୱର ଦ୍ୱିତୀୟ ବୃ୍ୟହତ ଫୁଟବଲ ଖେଳ ପଡ଼ିଆ। ସ୍ପେନର ବାର୍ସେଲୋନୀ ସହରରେ ଏହି ଷ୍ଟାଡ଼ିୟମ ଅବସ୍ଥିତ। ଫିଫା ଓ୍ୱାର୍ଲ୍ଡ କପ ଓ ଚମ୍ପିଆନ୍ସ ଲିଗ ପରି ବୃହତ ଟୁର୍ଣ୍ଣାମେଣ୍ଟ ଏହି ପଡ଼ିଆରେ ଆୟୋଜିତ ହୋଇସାରିଛି। ଏହି ଷଏ୍ଟାଡ଼ିୟମରେ ପ୍ରାୟ ୯୯,୩୫୪ଦର୍ଶକ ବସିପାରିବେ। ୨୦୧୮ ସୁଦ୍ଧା ଏହି ଷ୍ଟାଡ଼ିୟମରେ ପୁନର୍ନିର୍ମାଣ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

**ଆଟାଟୁର୍କ ଅଲମ୍ପିକ୍ ଷ୍ଟାଡ଼ିୟମ:**
ତୁର୍କିର ଏହା ସର୍ବବୃହତ ଷ୍ଟାଡ଼ିୟମ୍। ୨୦୦୨ ମସିହାରେ ଏହାର ନିର୍ମାଣ କରାଯାଇଥିଲା। ତୁର୍କି ସାଧାରଣତନ୍ତ୍ରର ଜନକ ମୁସ୍ତାଫା କେମାାଲ ଆଟାଟୁର୍କଙ୍କ ନାମାନୁଯାୟୀ ଏହି ଷ୍ଟାଡ଼ିୟମରେ ନାମ ଆଟାଟୁର୍କୟ ଅଲମ୍ପିକ ଷ୍ଟାଡ଼ିୟମ ରଖାଯାଇଛି। ୨୦୦୮ରେ ଏହି ଷ୍ଟାଡ଼ିୟମରେ ପ୍ରଥମଥର ପାଇଁ ଅଲିମ୍ପିକ୍ ଆୟୋଜନ କରାଯିବା ଲାଗି ନିର୍ଣ୍ଣୟ ନିଆଯାଇଥିଲା। ତେବେ ଅନିବାର୍ଯ୍ୟ କାରଣବଶତଃ ଚୀନର ରାଜଧାନୀ ବେଜିଂରେ ସହେ ବର୍ଷ ଅଲମ୍ପିକ ଆୟୋଜନ କରାଯାଇଥିଲା। ଏହି ଷ୍ଟାଡ଼ିୟମରେ ୭୬,୦୯୨ ଦର୍ଶର୍ଶକ ବସିପାରିବେ ଓ ଏହାର ପରିଚାଳନା ଭାର ତୁର୍କି ସରକାରଙ୍କ ଉପରେ ନ୍ୟସ୍ତ।



**ଇଷ୍ଟାଡ଼ିଓ ସାଂଟିଆଗୋ ବର୍ଣ୍ଣାବ୍ୟୁ:**
ଏଗାର ଥର ଉଫା ଚମ୍ପିୟାନ ଲିଗ ଜିତିଥିବା ରିଏଲ ମାଦ୍ରିଦ ଦଳର ଏହା ଘରୋଇ ପଡ଼ିଆ। କ୍ଲବର ପୂର୍ବତନ ସିଭାପତି ସାଣ୍ଟିଆଗୋଙ୍କ ନାମାନୁସାରେ ଏହି ଷ୍ଟାଡ଼ିୟମର ନାମକରଣ କରାଯାଇଛି। ୧୯୪୭ ରେ ଏହି ଷ୍ଟାଡ଼ିୟମର ଉଦଘାଟନ କରାଯାଇଥିଲା। ପ୍ରାୟ ୮୧,୦୪୪ଦର୍ଶକ ଏହି ଷ୍ଟାଡ଼ିୟମରେ ବସି ପାରିବେ। ବର୍ତମାନ ଏହି ଷ୍ଟାଡ଼ିୟମରେ ପରିବର୍ଦ୍ଧନ କରାଯାଉଛି।

**ଓଲ୍ଡଟ୍ରାଫୋର୍ଡ଼:**
ଇଂଲଣ୍ଡର ମାଞ୍ଚେଷ୍ଟର ଠାରେ ଏହି ଷ୍ଟାଡ଼ିୟମ ଅବସ୍ଥିତ। ଇଂଲିଶ ଫୁଟବଲ ଦଳର ଏହା ଘରୋଇ ଖେଳ ପଡ଼ିଆ। ଏହି ଷ୍ଟାଡ଼ିୟମରେ ପ୍ରାୟ ୭୫,୬୪୩ଦର୍ଶକ ବସିପାରିବେ। ଏହା କେତେଜଣ ଥିଏଟର ଅଫ ଡ୍ରିମ୍ସ ବୋଲି ମଧ୍ୟ କହିଥାନ୍ତି। ୧୯୧୦ ମସିହାରୁ ଏଠାରେ ଫୁଟବଲ ଖେଳାଯାଇ ଆସୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଷ୍ଟାଡ଼ିୟମରେ ଅଧିକାଂଶ ଅଂଚଳ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପୁନର୍ନିର୍ମାଣ କରିବାକୁ ପ୍ରାୟ ୮ବର୍ଷ ସମୟ ଲାଗିଥିଲା।

# ଖାଇବା-ଶୋଇବାରେ ବ୍ୟବଧାନ ନ ରହିଲେ କର୍କଟ ଆଶଙ୍କା

ଖାଇବା ଓ ଶୋଇବାରେ କେତେକ ନୀତିନିୟମ ରହିଛି। ଏହାକୁ ଅନେକ ଅଣଦେଖା କରିଥାନ୍ତି। ରାତିରେ ଖାଇବା ପରେ ପରେ ଅନେକ ବିଛଣା ଧରନ୍ତି। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ। ନିକଟରେ ବାର୍ସିଲୋନା ଇନ୍ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲ୍‌ଥର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ରାତିରେ ଖାଇବା ଓ ଶୋଇବା ମଧରେ ପାଖାପାଖୀ ଦୁଇଘଣ୍ଟା ବ୍ୟବଧାନ ରଖାବା ଆବଶ୍ୟକ। ଏପରି ନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ଆଉ ଯେଉଁମାନେ ଉପରୋକ୍ତ ନିୟମ ମାନି ଚଳିଥାନ୍ତି, ସେମାନଙ୍କ ତୁଳନାରେ ଏହି ନିୟମ ନ ମାନୁଥିବା ବ୍ୟକ୍ତିଙ୍କ ଠାରେ କର୍କଟ ହେବାର ଆଶଙ୍କା ୨୫ ପ୍ରତିଶତ ଅଧିକ ରହିଥାଏ। କେବଳ ସେତିକି ନୁହେଁ, ଏହା ସେମାନଙ୍କ ଭୋକ ଏବଂ ନିଦ ଉପରେ ମଧ ପ୍ରଭାବ ପକାଇଥାଏ। ଏହି ଅଧ୍ୟୟନରେ କର୍କଟ ପୀଡ଼ିତ ୬୦୦ରୁ ଅଧିକ ପୁରୁଷ ଏବଂ ୧,୨୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଥିଲା। ପୀଡ଼ିତ ଲୋକଙ୍କ ମଧରୁ କେହି ଜଣେ ବି ନାଇଟ୍ ସିଫ୍ଟ କରି ନଥିଲେ। ବରଂ ଏମାନେ ରାତିରେ ଖାଦ୍ୟ ଖାଇବା ପରେପରେ ଶୋଇଥିବାରୁ କର୍କଟରେ ପୀଡ଼ିତ ହୋଇଥିବା କଥା ଅଧ୍ୟୟନରେ କୁହାଯାଇଛି।





## ଚିତ୍ର ବିଚିତ୍ର

ମଣିଷ ସ୍ୱାସ୍ଥ୍ୟ ପ୍ରତି ଖୁବ୍ ଯତ୍ନବାନ। ଶରୀରର ପ୍ରତ୍ୟେକ ସ୍ଥାନକୁ ସଫା ରଖିବା ଏବଂ ଜୀବାଣୁ କୀଟାଣୁଠାରୁ ଦୂରେଇ ରହିବା ପାଇଁ ମନୁଷ୍ୟ ସବୁବେଳେ ଚେଷ୍ଟା କରିଥାଏ। ଶରୀରର ସବୁ ସ୍ଥାନରେ ସଫା ରଖିବା ସାଧାରଣ କଥା କିନ୍ତୁ ଯେତେବେଳେ ଆଖି ଉପରେ ପ୍ରଶ୍ନ ଆସେ ଆମେ ଟିକେ ଅଧିକ ସତର୍କ ହୋଇଯାଉ। ଆଖି ପିତୁଳାକୁ ସଫା ରଖିବା ପାଇଁ ଆମେ ବହୁ ସତର୍କତା ଅବଲମ୍ବନ କରୁ। କିନ୍ତୁ ବୋସନିଆ ସହରର ୮୦ବର୍ଷୀୟା ହାଭା ସେଲେବିକ ଆକା ନାନା ନାମକ ଜଣେ ମହିଳା ଲୋକମାନଙ୍କର ଆଖି ପିତୁଳାକୁ ସିଫା କରିଥାନ୍ତି ଏବଂ ସେଥିପାଇଁ ସେ ୮୦୦ ଟଙ୍କା ପାରିଶ୍ରମିକ ନିଅନ୍ତି। ସେ କୌଣସି ଔଷଧ ସାହାଯ୍ୟରେ ନୁହଁ ନିଜ ଜିଭ ଲଗାଇ ଲୋକମାନଙ୍କ ଆଖିରୁ ମଇଳା ସଫା କରନ୍ତି। ଆଖିରେ ପଡ଼ିଯାଇଥିବା କାଚ, ଧୂଳି, କୋଇଲା ଗୁଣ୍ଡ ସବୁ ସଫା କରନ୍ତି। ସେ ର୍ବତମାନ ନିଜ ଜିଭ ସାହାଯ୍ୟରେ ୫୦୦୦ ଲୋକଙ୍କ ଆଖିରୁ ମଇଳା କାଢ଼ିସାରିଛନ୍ତି। ସେ ନିଜ ଜିଭକୁ ସବୁବେଳେ ସଫା ରଖିବା ପାଇଁ ମଦିରା ପିଇଥାନ୍ତି। ବିଭିନ୍ନ ଆଖି ସମସ୍ୟା ନେଇ ତାଙ୍କ ପାଖକୁ ଲୋକମାନେ ସୁଅ ଛୁଟେ।

# ଧନବୃଦ୍ଧି ପାଇଁ ଉତ୍ତର ଦିଗ ସମ୍ପର୍କିତ ବାସ୍ତୁ ଟିପ୍ସ

ବାସ୍ତୁଶାସ୍ତ୍ରରେ ପ୍ରତ୍ୟେକ ଦିଗର ଭିନ୍ନ ମହତ୍ତ୍ୱ ଓ ଗୁରୁତ୍ୱ ଅଛି। ଏହି ଧାରାରେ ଧନର ଦେବତା କୁବେରଙ୍କୁ ଉତ୍ତର ଦିଗର ସ୍ୱାମୀ ବୋଲି କୁହଯାଏ। ତେଣୁ ଉତ୍ତର ଦିଗ ହେଉଛି ଧନଦାୟକ। ଧନଲାଭ ପାଇଁ ଘରର ଉତ୍ତର ଦିଗ ସମ୍ପର୍କିତ କିଛି ବାସ୍ତୁ ନିୟମକୁ ମାନିବା ଉଚିତ। ଯଥା –



ଘରର ଉତ୍ତର ଦିଗ କାନ୍ଥରେ ସବୁବେଳେ ହାଲୁକା ନୀଳ ରଙ୍ଗ ବ୍ୟବହାର କରିବା ଉଚିତ। ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ଅଟେ। ଉତ୍ତର ଦିଗର କୌଣସି କୋଣ ଭଙ୍ଗା ବା କଟା ହୋଇଥିବା ଉଚିତ ନୁହେଁ। କାନ୍ଥରେ ଫାଟ ପଡ଼ିବା ମଧ ଉଚିତ ନୁହେଁ। ବାସ୍ତୁ ଅନୁଯାୟୀ, ଘରର ଉତ୍ତର ଦିଗରେ ତୁଳସୀ ଗଛ ଲଗାଇବା ଅତ୍ୟନ୍ତ ଲାଭଦାୟକ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସହିତ ସୁଖସମୃଦ୍ଧି ଆସିଥାଏ। ତୁଳସୀ ପୂଜନ ଦ୍ୱାରା ମା’ ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିଥାଏ। ଆଲମାରୀ ବା ଟଙ୍କାପଇସା ରଖୁଥିବା ବକ୍ସକୁ ଦକ୍ଷିଣ କାନ୍ଥ ପାଖରେ ରଖୀବା ଦରକାର, ଯେପରିକି ଏହାର ମୁହଁ ଉତ୍ତର ଦିଗ ଆଡ଼କୁ ଖୋଲୁଥିବ। ଏଭଳି କରିବା ଦ୍ୱାରା ଘରେ କେବେ ମଧ ଅର୍ଥର ଅଭାବ ରୁହେ ନାହିଁ। ଧନବୃଦ୍ଧି ପାଇଁ ଘରର ଉତ୍ତର ଦିଗରେ ଧାତୁ ନିର୍ମିତ କଇଁଛ ରଖୀବା ଶୁଭ ବୋଲି କୁହାଯାଏ। ଧାନ ରଖନ୍ତୁ କଇଁଛର ମୁହଁ ଘର ଭିତରକୁ ରହିବା ଉଚିତ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଡ଼ୋଶୀଙ୍କ ସହାୟତା...

ଓଡ଼ିଆରେ କଥାଟିଏ ଅଛି- କ୍ଷୀର ଯଦି ଖାଇ ବସିବ ଘରେ ଥିବ ଗାଈ, କଳି ଯଦି କରି ବସିବ ସାଙ୍ଗରେ ଥବ ଭାଇ । ଅର୍ଥାତ୍ ଯେ କୌଣସି ବିବାଦରେ- ତାହା ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ହେଉ ବା ସେହି ଧାରାରେ ଏକ ଦେଶ ସହିତ- ଯଦି ଅନ୍ୟ ପଡ଼ୋଶୀ ଦେଶମାନେ ସମର୍ଥନ କରି ଆଗେଇ ଆସନ୍ତି, ତା'ହେଲେ ଅପର ପକ୍ଷ ଉପରେ ବିଜୟ ହାସଲ କରିବା ସହଜ ହୋଇଥାଏ । ସମ୍ପ୍ରତି ଏଇଭଳି କଥାଟିଏ ଘଟିଛି ଭାରତ-କାନାଡା ବିବାଦ କ୍ଷେତ୍ରରେ । ବେଶ୍ କିଛି ମାସ ହେବ କାନାଡା ସହିତ ଭାରତର ବିବାଦ ଦେଖା ଦେଇଛି କାନାଡାରେ ଜଣେ ଖଲିସ୍ତାନୀ ସମର୍ଥକର ମୃତ୍ୟୁ ପରେ । ଏଇ ବିବାଦ ଯୋଗୁଁ ଜି-୨୦ ବୈଠକରେ ଯୋଗ ଦେବାକୁ ଆସିଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କୁ ମଧ୍ୟ ଉପଯୁକ୍ତ ଆଦର ଅଭ୍ୟର୍ଥନା ମିଳି ନଥିଲା। ଏହା ପରେ ବି ଶ୍ରୀଯୁକ୍ତ ଟ୍ରୁଡୁ ତାଙ୍କ ସ୍ୱଭାବରେ ପରିବର୍ତ୍ତନ କରି ନାହାନ୍ତି, ଯେଉଁଥପାଇଁ ନିକଟରେ ଜାତିସଂଘରେ ଅନୁଷ୍ଠିତ ଏକ ବୈଠକ କାଳରେ ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କର ଏକ ଗୋଷ୍ଠୀ କାନାଡା ଉପରେ ନିଜର କ୍ଷୋଭ ପ୍ରକାଶ କରିବାକୁ ଯାଇ କହିଛନ୍ତି ଯେ ଏହା ନିଜ ମାଟିରୁ ଅନ୍ୟ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରୁଥିବା ଖଳ ଶକ୍ତିମାନଙ୍କ ଉପରେ ଲଗାମ୍ କଷିବା ଉଚିତ। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ବାକ୍ ସ୍ୱାଧୀନତା ନିରଙ୍କୁଶ ହେବା ଉଚିତ ନୁହେଁ । ତେଣୁ କୌଣସି କଥା ଯଦି ଅନ୍ୟମାନଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଉଥାଏ ଏବଂ ଘୃଣାତ୍ମକ ହୋଇଥାଏ, ତା'ହେଲେ ତା' ଉପରେ ଯୁକ୍ତିଯୁକ୍ତ ଅଙ୍କୁଶ ଲଗାଯିବା ଉଚିତ। ଖୁସିର କଥା ହେଉଛି, ଜାତିସଂଘର ଉକ୍ତ ମାନବୀୟ ଅଧିକାର ପରିଷଦ ସମୀକ୍ଷା ବୈଠକରେ ଅଭୂତପୂର୍ବ ଭାବରେ ଭାରତର ଦୁଇ ପଡ଼ୋଶୀ ରାଷ୍ଟ୍ର ଭାରତକୁ କାନାଡା ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିବା କ୍ଷେତ୍ରରେ ଦୃଢ଼ ସମର୍ଥନ ପ୍ରଦାନ କରିଥିଲେ । କାନାଡାରେ ହରଦୀପ୍ ସିଂହ ନିଜାରର ହତ୍ୟା ପରେ ଭାରତ ଭିଏନା କନ୍‌ଭେନ୍‌ସନ୍‌ର ଉଲ୍ଲଙ୍ଘନ କରିଥିବା ନେଇ କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୁ ସେଥିରେ ଭାରତର ହାତ ରହିଥିବାର ଅଭିଯୋଗ ଉଠାଇ ଯେଉଁ ତୀବ୍ର ସମାଲୋଚନା କରିଥିଲେ ଏବଂ ଏହି ଘଟଣା ପରେ କାନାଡାରେ ଥିବା ଭାରତୀୟ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରିଥିଲେ, ଭାରତ ତା'ର ନିନ୍ଦା କରିଥିଲା ଏବଂ ସମାନ ପ୍ରତିକ୍ରିୟା ପ୍ରକାଶ କରିଥିଲା ଯାହାକୁ ଭାରତର ଦୁଇ ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶ ଏବଂ ଶ୍ରୀଲଙ୍କା ସମର୍ଥନ କରିଛନ୍ତି। ଭାରତ ଉପରୋକ୍ତ ବୈଠକରେ କାନାଡାକୁ ଘୃଣାତ୍ମକ ବକ୍ତବ୍ୟ, ପକ୍ଷପାତିତା ପ୍ରଦର୍ଶନ ଏବଂ ଧାର୍ମିକ ସ୍ଥଳଗୁଡ଼ିକ ଉପରେ ଆକ୍ରମଣ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ କହିଛି। ଜାତିସଂଘର ଉପରୋକ୍ତ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଭାରତର କୂଟନୀତିଜ୍ଞ ମହମ୍ମଦ ହୁସେନ୍ କାନାଡାର ନ୍ୟାସନାଲ ହାଉସିଂ ଷ୍ଟ୍ରାଟେଜି ଆଇନ ଏବଂ ଆକ୍‌ସେସିବଲ୍ କାନାଡା ଆଇନ ଭଳି କେତେକ ଆଇନ ଉପରେ ଆଲୋକପାତ କରିଥିଲେ । ତେବେ ସେ ବାକ୍ ସ୍ୱାଧୀନତା, ବିଶେଷକରି ହିଂସାକୁ ଉସୁକାଇବା ଭଳି କ୍ଷେତ୍ରରେ ଏହାର ଅପବ୍ୟବହାର କରାଯିବା ଏବଂ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଭଳି କାର୍ଯ୍ୟକଳାପଗୁଡ଼ିକୁ ରୋକିବା ପାଇଁ କାନାଡା ଆହୁରି ଅଧିକ ଶକ୍ତିଶାଳୀ ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଥିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ସେ ତାଙ୍କୁ ଚେତାଇ ଦେଇଥିଲେ ଯେ ଘୃଣାତ୍ମକ ଅପରାଧ ଏବଂ ଘୃଣାବ୍ୟଞ୍ଜକ ବକ୍ତବ୍ୟ ପ୍ରଦାନର ପ୍ରଭାବଶାଳୀ ଢଙ୍ଗରେ ପରିସମାପ୍ତି ଘଟାଇବା ପାଇଁ କାନାଡା ଆଇନଗତ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ରହିଛି। ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନିଜାରର ହତ୍ୟା ପରେ କାନାଡାରେ ରହୁଥିବା ଅନ୍ୟାନ୍ୟ ଧର୍ମାବଲମ୍ବୀ ଭାରତୀୟମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପକ୍ଷରୁ ଗାଳିଗୁଲଜ ଏବଂ ବିଭିନ୍ନ ପ୍ରକାରର ଆକ୍ଷେପର ସାମ୍ନା କରିବାକୁ ପଡୁଛି । ପୁନଶ୍ଚ, କେତେକ ଧାର୍ମିକ କ୍ଷେତ୍ର ମଧ୍ୟ ଆକ୍ରମଣର ଶିକାର ହୋଇଛି । ଏମିତିକି ଭାରତୀୟ ଦୂତାବାସର କର୍ମଚାରୀମାନଙ୍କୁ କାନାଡା ଛାଡ଼ି ନିଜ ଦେଶକୁ ଫେରିଯିବାକୁ, ଅନ୍ୟଥା ତା'ର ପରିଣତି ଭୋଗିବାକୁ ଧମକ ପ୍ରଦାନ କରାଯାଉଛି । ତେବେ ଏସବୁ ଭିତରେ ଉପରୋକ୍ତ ବୈଠକରେ ଭାରତର ଚିନ୍ତା ବ୍ୟକ୍ତ କରାଯିବା ସହିତ କାନାଡାର କାର୍ଯ୍ୟକଳାପଗୁଡ଼ିକର ନିନ୍ଦା କରାଯିବାକୁ ବାଂଲାଦେଶ ଏବଂ ଶ୍ରୀଲଙ୍କାର ପ୍ରତିନିଧିମାନେ ସମର୍ଥନ କରିବା ଥିଲା ସର୍ବାଧିକ ଆନନ୍ଦଦାୟକ ଏବଂ ସ୍ୱାଗତଯୋଗ୍ୟ ମୁହୂର୍ତ୍ତ। ବାଂଲାଦେଶର କୂଟନୀତିଜ୍ଞ ଅବଦୁଲ୍ଲା ଅଲ୍ ଫରହାଦ୍ କାନାଡାକୁ ସେଠାରେ ପ୍ରବାସୀ ଏବଂ ମୁସଲମାନ ସଂଖ୍ୟାଲଘୁମାନଙ୍କ ଦ୍ୱାରା ଶିକାର ହେବାକୁ ପଡୁଥିବା ବର୍ଣ୍ଣବୈଷମ୍ୟବାଦ, ଘୃଣାତ୍ମକ ବକ୍ତବ୍ୟ, ଘୃଣାତ୍ମକ ଅପରାଧ ସମୂହ ଏବଂ ପକ୍ଷପାତିତାର ଅନ୍ତ ଘଟାଇବାକୁ ତା'ର ଉଦ୍ୟମକୁ ଅଧିକ ଜୋରଦାର କରିବା ନିମନ୍ତେ କହିଥିଲେ। ସେହିପରି ସମସ୍ୱରରେ ଶ୍ରୀଲଙ୍କାର କୂଟନୀତିଜ୍ଞ ଥିଲିନି ଜୟଶେକରା ସମସ୍ତ ପ୍ରବାସୀ ଶ୍ରମିକଙ୍କର ଅଧିକାରର ସୁରକ୍ଷା ସମ୍ପର୍କିତ କନ୍‌ଭେସନ୍‌କୁ ପାଳନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବିରୁଦ୍ଧରେ ସବୁ ପ୍ରକାରର ଜାତିଗତ ପକ୍ଷପାତିତାକୁ ସମାପ୍ତ କରିବାକୁ କହିଥିଲେ । ଜୟଶେକରା ଆହୁରି ମଧ କାନାଡାରେ ସଂଖ୍ୟାଲଘୁମାନଙ୍କ ବିରୋଧରେ ହେଉଥିବା ଅପପ୍ରଚାର ଉପରେ ରୋକ୍ ଲଗାଇବାକୁ କହିବା ସହିତ ମାନବୀୟ ଅଧିକାରର ସୁପାରିସଗୁଡ଼ିକୁ ପାଳନ କରିବାକୁ କହିଥିଲେ। ପୂର୍ବରୁ ନିଜାରର ହତ୍ୟା ପରେ ଭାରତ ଓ କାନାଡା ମଧ୍ୟରେ ଭିସା ସେବାକୁ ବନ୍ଦ କରି ଦିଆଯାଇଥିଲା, ଯଦିଓ ସେଥିରେ ବର୍ତ୍ତମାନ ଆଂଶିକ ପରିବର୍ତ୍ତନ ଘଟିଛି । ସେ ଯାହାହେଉ, ଜାତିସଂଘର ଉପରୋକ୍ତ ବୈଠକରେ ବାଂଲାଦେଶ ଓ ଶ୍ରୀଲଙ୍କା ଭାରତର ଦୁଇ ଭାଇ ଭଳି କାନାଡା ସହିତ ଭାରତର କଳିରେ କାନ୍ଧ ମିଳାଇବାକୁ ଆଗେଇ ଆସିବା ଅତ୍ୟନ୍ତ ଖୁସିର କଥା।

# ପାଲେଷ୍ଟାଇନ-ଇସ୍ରାଏଲ ବିବାଦ



**ଡକ୍ଟର ଲକ୍ଷ୍ମଣ ସାହୁ**

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯିହୁଦୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ବ୍ରିଟିଶ ସରକାର ସେମାନଙ୍କ ଅଧୀନରେ ଥିବା ଆରବ-ପାଲେଷ୍ଟାଇନ ଦେଶରେ ସେମାନଙ୍କ ପାଇଁ ଏକ ପୃଥକ ତଥା ନିରାପଦ ଦେଶ ଯୋଜନା କରିଥିଲେ। ପ୍ରାରମ୍ଭରେ, ଅନ୍ୟ ଦେଶର ଯିହୁଦୀମାନଙ୍କୁ ପାଲେଷ୍ଟାଇନକୁ ଅଣାଯାଇଥିଲା ଏବଂ ସେମାନଙ୍କୁ 'ବସ୍ତିବାସିନ୍ଦା' କୁହାଯାଉଥିଲା। ସେମାନଙ୍କର ସମାଧାନର ଏକ ମୁଖ୍ୟ ଆକର୍ଷଣ । କାରଣ ହେଉଛି ସେମାନଙ୍କର ପବିତ୍ର ସ୍ଥାନ ଯିରୁଶାଲମର ନିକଟବର୍ତ୍ତୀ । ଧୀରେ ଧୀରେ ଏକ ଯିହୁଦୀ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଚାହିଦା ବୃଦ୍ଧି ପାଇବାରେ ଲାଗିଲା । ପ୍ରାୟତଃ ୧୯୩୮ ମସିହାରେ ଏହାକୁ କଂକ୍ରିଟ୍ ଆକୃତି ଦେବାକୁ ଏକ ଦାବି ଥିଲା । ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ସଂଗ୍ରାମକୁ କେବଳ ଅହିଂସା ଢଙ୍ଗରେ ପରିଚାଳନା କରୁଥିଲେ, କିନ୍ତୁ ସେ ସେହି ସମୟରେ ସମଗ୍ର ବିଶ୍ୱରେ ଘଟୁଥିବା ପରିବର୍ତ୍ତନ ଓ ଘଟଣା ଉପରେ ମଧ୍ୟ ନଜର ରଖିଥିଲେ । ସେ ଦୋଷ ଆଧାରରେ ଏସିଆର ବିଭିନ୍ନ ଦେଶର ସ୍ୱାଧୀନତା ସଂଗ୍ରାମ, ସାମ୍ରାଜ୍ୟବାଦୀ ଉପନିବେଶବାଦୀ ଲୋକଙ୍କ ସଂଗ୍ରାମକୁ ସମର୍ଥନ କରୁଥିଲେ।

ପ୍ରଥମ ବିଶ୍ୱଯୁଦ୍ଧ ୧୯୧୮ ମସିହାରେ ଶେଷ ହୋଇଥିଲା ଏବଂ ବ୍ରିଟିଶମାନେ ପଶ୍ଚିମ ଏସିଆର ଏକ ବଡ଼ ଅଞ୍ଚଳକୁ କବଜା କରିଥିଲେ । ଅବଶିଷ୍ଟ କିଛି ଅଂଶ ଉପରେ ଫ୍ରାନ୍ସ ମଧ୍ୟ ଏହାର ନିୟନ୍ତ୍ରଣ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ଯେତେବେଳେ ଇସ୍ରାଏଲ ରୂପରେ ଏକ ଯିହୂଦୀ ରାଷ୍ଟ୍ରର ସ୍ୱପ୍ନ ସାକାର ହେବାକୁ ଲାଗିଲା, ମହାତ୍ମା ଗାନ୍ଧୀ ୧୯୩୯ ନଭେମ୍ବର ୨୬ ରେ ତାଙ୍କ 'ହରିଜନ' ପତ୍ରିକାର ସମ୍ପାଦକୀୟ ପ୍ରବନ୍ଧ ମାଧ୍ୟମରେ ଏହି ଅଭିଯାନକୁ ଜୋରଦାର ବିରୋଧ କରିଥିଲେ । ଏହା ହେଉଛି ସେହି ସମୟ ଯେତେବେଳେ ମହମ୍ମଦ ଅଲି ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ ଲିଗ୍ ମଧ ଧର୍ମ ନାମରେ ଏକ ଅଲଗା ରାଷ୍ଟ୍ରର ଚାହିଦା ବଢାଉଥିଲା । ଗାନ୍ଧିଙ୍କ ମତ ଅନୁଯାୟୀ, ଯେପରି ଫ୍ରାନ୍ସ ଫରାସୀ ଓ ଇଂଲଣ୍ଡ ଇଂରାଜୀ, ସେହିପରି ପାଲେଷ୍ଟାଇନ ମୂଳ ପାଲେଷ୍ଟାଇନ ବାସିନ୍ଦାଙ୍କର ଅଟେ । ବ୍ରିଟିଶ ବନ୍ଧୁକ କିମ୍ବା ବୋମା ବିପଦରେ ଧର୍ମ ଆଧାରରେ ଯିହୁଦୀମାନଙ୍କୁ ପାଲେଷ୍ଟାଇନରେ ପୁନଃସ୍ଥାପିତ କରାଯାଇପାରିବ ନାହିଁ । ଯଦି ଯିହୁଦୀମାନେ ଏଠାରେ ବସବାସ କରିବାକୁ ଚାହାଁନ୍ତି, ତେବେ ପାଲେଷ୍ଟାଇନୀୟମାନଙ୍କ ଇଚ୍ଛାକୁ ଗ୍ରହଣ କରିବା ଆବଶ୍ୟକ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ବେଳକୁ ଯିହୁଦୀମାନେ ପାଲେଷ୍ଟାଇନର ଏକ ବୃହତ ସମ୍ପ୍ରଦାୟରେ ପରିଣତ ହୋଇଥିଲେ । ସମାନ୍ତରାଳ ପ୍ରଶାସନ, ଯିହୁଦୀ ଏଜେନ୍ସି ଓ ସେମାନଙ୍କର ନିଜସ୍ୱ ମିଲିସିଆ ଗୋଷ୍ଠୀ - ହାଗାନା ଓ ହରଗୁନ୍ ବ୍ରିଟେନ । ବ୍ରିଟେନ ମିଳିତ ଜାତିସଂଘ ନିକଟକୁ ଯାଇ ପାଲେଷ୍ଟାଇନକୁ ଏକ ଆରବ ରାଷ୍ଟ୍ର, ଯିହୁଦୀ ରାଜ୍ୟ (ଇସ୍ରାଏଲ) ଏବଂ ଏକ ଅନ୍ତର୍ଜାତୀୟ ସହର ଯିରୁଶାଲମରେ ବିଭକ୍ତ କରିବା ପାଇଁ ଏକ ଷଡଯନ୍ତ୍ର କରିଥିଲା । କିନ୍ତୁ ଆରବମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ୧୯୪୮ ମସିହାରେ ୟୁଏନଓ (UNO)ର ସହାୟତାରେ ବ୍ରିଟିଶ ଶାସନ ଶେଷ ହେବା ପୂର୍ବରୁ ଏହି ଯିହୂଦୀ ରାଜ୍ୟ ଘୋଷଣା କରାଯାଇଥିଲା । ଏହି ପ୍ରସ୍ତାବ ଅନୁଯାୟୀ ପାଲେଷ୍ଟାଇନର ୫୫ ପ୍ରତିଶତ ଜମି ଇସ୍ରାଏଲ୍ ଦଖଲ କରିଥିବା ଏବଂ ୫୪ ପ୍ରତିଶତ ଜମି ଆରବ ପାଲେଷ୍ଟାଇନବାସୀ ଦଖଲ କରିଥିବା ବିବେଚନା କରାଯାଉଥିଲା। ଅବଶିଷ୍ଟ ଏକ ପ୍ରତିଶତ ଜମି ଯିରୁଶାଲମ ପାଇଁ ସଂରକ୍ଷିତ ଥିଲା। ସୂଚନାଯୋଗ୍ୟ ଯେ ବର୍ତ୍ତମାନର ଯୁଦ୍ଧ ଆରମ୍ଭ ପୂର୍ବରୁ ପାଲେଷ୍ଟାଇନୀୟମାନେ ମାତ୍ର ସାତ ପ୍ରତିଶତ ଜମିର ମାଲିକ ଥିଲେ ।

କହିବାକୁ ଗଲେ ଆଜି ଏସବୁ ପ୍ରଶ୍ନଗୁଡ଼ିକ ପୁରୁଣା ହୋଇଯାଇଛି । ଜାତିସଂଘ (WHO) ଓ ମାନବାଧିକାର ଗୋଷ୍ଠୀ ଇସ୍ରାଏଲର ବର୍ବରତାର ଶିକାର, ମୃତକଙ୍କ ସଂଖ୍ୟା, ଶିଶୁ ଓ ବୃଦ୍ଧଙ୍କ ହତ୍ୟା, ଡାକ୍ତରଖାନା ତଥା ଶିବିର ବିସ୍ଫୋରଣରେ ମୃତ ଓ ଆହତଙ୍କ ଗଣନା କରିବାରେ ସକ୍ରିୟ ଅଛନ୍ତି । ଗାଜା ଷ୍ଟ୍ରିପ୍ ଅଞ୍ଚଳରେ ବହୁ ସଂଖ୍ୟକ ପାଲେଷ୍ଟାଇନୀୟ ଅଛନ୍ତି ଓ ହାମାସ ସଂଗଠନର ସହୃଦୟ ବ୍ୟକ୍ତିଙ୍କ ଏକ ଲମ୍ବା ତାଲିକା ମଧ ଅଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ସର୍ବସାଧାରଣରେ ଘୋଷଣା କରିଛନ୍ତି ଯେ ସେ ଗାଜା ଷ୍ଟ୍ରିପକୁ ଧ୍ୱଂସ କରି ଶେଷ ଯୁଦ୍ଧ କରିବେ ଓ ଜିତିବେ । ଘାଜା ଉପରେ ହୋଇଥିବା ଆକ୍ରମଣ ଏତେ ଯନ୍ତ୍ରଣାଦାୟକ, ଭୟଙ୍କର ଯେ ଭାରତ ଓ ଆମେରିକା ଜାତିସଂଘର ମହାସଚିବଙ୍କୁ ମାନବିକତା ଦୃଷ୍ଟିରୁ ଇସ୍ରାଏଲର ସମସ୍ତ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ଉଚିତ ବୋଲି କହିଥିଲେ ।

ଇସ୍ରାଏଲ ସହିତ ଶେଷ ଯୁଦ୍ଧ ଗତ ପନ୍ଦର ବର୍ଷ ମଧ୍ୟରେ ପଞ୍ଚମ ଅଟେ । ପ୍ରତ୍ୟେକ ଥର ଇସ୍ରାଏଲ୍ ଏୟାର ଷ୍ଟ୍ରାଇକ୍, ସ୍କୁଲ, ଡାକ୍ତରଖାନା ଓ ସରକାରୀ ଅଟ୍ଟାଳିକା ଭୁଶୁଡ଼ି ପଡ଼ିଛି । ଏକ ବୃହତ ଜନସଂଖ୍ୟା (ସେମାନଙ୍କୁ ସମର୍ଥନ କରିବା ପାଇଁ ଆଗେଇ ଆସିଛନ୍ତି । ତାସହିତ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଓ ବୟସ୍କମାନଙ୍କ ଉପରେ ଭାର ବହୁତ ବୃଦ୍ଧି ପାଇଛି । ଅବଶ୍ୟ, ଶିଳ୍ପର ଅବସ୍ଥା ଭଲ ନ ଥିବାରୁ ଗାଜା ଦୀର୍ଘସ୍ଥାୟୀ ବେକାରୀ ସମସ୍ୟାରେ ପୀଡିତ । ଅଧିକ ଚିନ୍ତାଜନକ ବିଷୟ ହେଉଛି ଜନସଂଖ୍ୟାର କେବଳ ଏକ ଛୋଟ ବିଭାଗ ଚାକିରି ଖୋଜୁଛି । ବିଡେନ ପୂର୍ବରୁ ଟ୍ରମ୍ପ ସରକାରଙ୍କ ଦ୍ୱାରା ବେଞ୍ଜାମିନ୍‌ର ଅନ୍ଧ ସମର୍ଥନ ମଧ ଏହି ଜନଶୁଣାଣିର ଏକ ପ୍ରମୁଖ କାରଣ ଅଟେ । ବାସ୍ତବରେ ଯୁଦ୍ଧ ହେଲେ ଆମେରିକା ଓ ଇସ୍ରାଏଲ ଆକ୍ରମଣାତ୍ମକ ଶିକାର ହୋଇଥାନ୍ତେ ।

ଇସ୍ରାଏଲ୍ ସଂସଦରେ ବେଞ୍ଜାମିନ୍ ଯିହୁଦୀ ରାଜ୍ୟ ସଂକଳ୍ପ ପାରିତ କରିଛନ୍ତି । ଫଳସ୍ୱରୂପ ଇସ୍ରାଏଲରେ ରହୁଥିବା ଅନ୍ୟ ଧର୍ମର ଲକ୍ଷ ଲକ୍ଷ ବାସିନ୍ଦାଙ୍କ ପାଇଁ ଧାର୍ମିକ ଭେଦଭାବ ବୃଦ୍ଧି ପାଇବ । ଏହା ସହିତ ହିବ୍ରୁକୁ ଦେଶର ଜାତୀୟ ଭାଷା ଘୋଷିତ କରାଯାଉଛି । ସଂସଦରେ ପାରିତ ହୋଇଥିବା ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ଜନସଂଖ୍ୟାର ଏକ ଚତୁର୍ଥାଂଶ ସମସ୍ତ ପ୍ରକାର ମୌଳିକ ଅଧିକାରରୁ ବଞ୍ଚିତ ହେବେ । ଜାତିସଂଘ ଦ୍ୱାରା ଏପର୍ଯ୍ୟନ୍ତ ସ୍ୱୀକୃତିପ୍ରାପ୍ତ ହୋଇନାହିଁ ଏବଂ ସରକାରୀ ସୂଚନାରେ ତେଲ ଆଭିଭ ଏକମାତ୍ର ସରକାରୀ ରାଜଧାନୀ ବୋଲି ଜେରୁଜେଲମକୁ ରାଜଧାନୀ ଘୋଷଣା କରି ଟ୍ରମ୍ପ ତାଙ୍କ ନିର୍ବାଚନରେ ବିଜୟୀ ହୋଇଥିଲେ । ୧୯୬୭ର ଛଅ ଦିନିଆ ଯୁଦ୍ଧ ସମୟରେ, ଇସ୍ରାଏଲ୍ ଇଜିପ୍ଟ, ଲେବାନନ୍ ଓ ସିରିଆର ବଡ଼ ଅଞ୍ଚଳ ଦଖଲ କରିବାରେ ସଫଳ ହୋଇଥିଲା। ଜାତିସଂଘ ଦ୍ୱାରା ସର୍ବସମ୍ମତି କ୍ରମେ ପାରିତ ହେବା ସତ୍ତ୍ୱେ ଇସ୍ରାଏଲ୍ ବେଆଇନ ଉପନିବେଶ ନିର୍ମାଣରେ ବ୍ୟସ୍ତ ଅଛି ।ବର୍ତ୍ତମାନ ପାଲେଷ୍ଟାଇନ ଓ ପଶ୍ଚିମ ଏସିଆର ବାସିନ୍ଦାଙ୍କ ପାଇଁ ସବୁଠାରୁ ବଡ ଭାବପ୍ରବଣତା ହେଉଛି ଅଲ ଆକସା ମସଜିଦର ଅସ୍ତିତ୍ୱକୁ ନେଇ ସଙ୍କଟ। ସମଗ୍ର ବିଶ୍ୱରେ ମୁସଲମାନମାନେ ଏହି ମସଜିଦକୁ ବହୁତ ସମ୍ମାନର ସହିତ ମନେ କରନ୍ତି । ଏହା ଭବିଷ୍ୟଦ୍‌ବକ୍ତାଙ୍କ ସହ ଜଡିତ ଏକ ଧାର୍ମିକ ପ୍ରତୀକ ଏବଂ ତାଙ୍କ ଦ୍ୱାରରେ ପୂଜାପାଠର ପ୍ରଥମ ମସଜିଦ ଅଟେ । ଛଅ ଦିନିଆ ଯୁଦ୍ଧ ସମୟରେ ଇସ୍ରାଏଲ ମସଜିଦ ଚାରିପାଖରେ ବଡ଼ ଅଞ୍ଚଳକୁ କବଜା କରିବାରେ ସଫଳ ହୋଇଥିଲା। ଏହାପୂର୍ବରୁ ମସଜିଦର ରକ୍ଷକ ଭାବରେ ଜୋର୍ଡାନ ଇସଲାମ ଟ୍ରଷ୍ଟ ଏହାର ଯତ୍ନ ନେବାକୁ ଲାଗିଲେ। କିନ୍ତୁ ୧୯୯୪ ରେ ଜୋର୍ଡାନ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ ମଧ ଏଠାରେ ଏକ ଭୂମିକା ଗ୍ରହଣ କରିଛି । ଯେଉଁ କାରଣରୁ ଆରବ ସମ୍ପ୍ରଦାୟରେ ବହୁତ କ୍ରୋଧ ରହିଛି। ଏଠାରେ ସୁରକ୍ଷା ବାହିନୀ ନିୟୋଜନକୁ ନେଇ ମଧ ଉତ୍ତେଜନା ଦେଖାଦେଇଛି । ନାମାଜିମାନଙ୍କୁ ଖୋଜା ଯାଇଥାଏ । ମସଜିଦ ପଡିଆ ଅଞ୍ଚଳରେ ନମାଜ ପ୍ରଦାନ ଉପରେ ନିଷେଧାଦେଶ ମଧ ଟେନସନର ଏକ ପ୍ରମୁଖ କାରଣ । ଇସ୍ରାଏଲ ପୋଲିସ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଯୋଗୁଁ ପ୍ରତିବର୍ଷ ଇଦ୍ ଅବସରରେ ହିଂସାତ୍ମକ ଘଟଣା ଏକ ରୀତିନୀତିରେ ପରିଣତ ହୋଇଛି ।

ଯୁଦ୍ଧ ଦୀର୍ଘ ସମୟ ଧରି ଲାଗି ରହିବାର ସମ୍ଭାବନା ଅଛି । ଇସ୍ରାଏଲ୍ ପୂର୍ବ ଯିରୁଶାଲମର ଏକ ବଡ଼ ଅଂଶ ଦଖଲ କରିବାର ପ୍ରୟାସ ହେଉଛି ଏହାର କାରଣ । ଯଦିଓ ଜେରୁଜେଲମ୍ ୧୯୪୮ ପରଠାରୁ ଏକ ଆନ୍ତର୍ଜାତୀୟ ସହର ହୋଇଆସୁଛି । ରାଜଧାନୀ ଘୋଷିତ ହେବା ପରେ ନ୍ୟାୟ ତଥା ମାନବିକ ଅଧିକାରର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ସଂଗ୍ରାମ ବର୍ତ୍ତମାନ ଧାର୍ମିକ ବିବାଦର ଶିକାର ହୋଇଛି । ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣ ବାହାରେ। ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ସ୍ୱୀକୃତି ଦେଇଥିବା ଆରବ ଦେଶ ପରେ ଭାରତ ହେଉଛି ପ୍ରଥମ ଦେଶ । ପାଲେଷ୍ଟାଇନ ଆନ୍ଦୋଳନ ପୂର୍ବ ପରି ଆଉ ଶକ୍ତିଶାଳୀ ନୁହେଁ । ୟାସିର ଆରାଫାଟଙ୍କ ସମୟରେ ଏହା ବ୍ୟାପକ ଥିଲା । ତୃତୀୟତଃ ବିଶ୍ୱର ସମସ୍ତ ବଡ ନେତାମାନେ ଧାଡିରେ ରହି ପାଲେଷ୍ଟାଇନ ସହିତ ଠିଆ ହୋଇଥିଲେ। ସେମାନଙ୍କ ମଧ୍ୟରେ ପଣ୍ଡିତ ନେହେରୁ, ଚୋ ଏନ୍-ଲାଇ, ଅବଦୁଲ ଗୁଲାମ ନାସିର, ମାର୍ଶଲ ଟିଟୋ ନକ୍ରୁମା ଓ ସୁକର୍ଣ୍ଣ ଇତ୍ୟାଦି ପ୍ରମୁଖ ଥିଲେ । ଯଦିଓ ଶାନ୍ତିପୂର୍ଣ୍ଣ ମାଧ୍ୟମରେ ଅନେକ ସମସ୍ୟାର ସମାଧାନ ହୋଇସାରିଛି । ତଥାପି ପାଲେଷ୍ଟାଇନ ଯୁବକମାନଙ୍କର ଏକ ବଡ଼ ବିଭାଗ ହାମାସ ସମର୍ଥକ ହୋଇପାରିଛନ୍ତି । ପ୍ରାୟତଃ ସମସ୍ତ ଆରବ ଦେଶ ମିଳିତ ହୋଇ ଘାଜାରେ ହେଉଥିବା ଜନ ଶୁଣାଣିକୁ ରୋକିବାକୁ ଚେଷ୍ଟା କରୁଛନ୍ତି।

ତେଣୁ ଇରାନ ଓ ତୁର୍କୀ ସମେତ ଅନେକ ରାଜ୍ୟ ହାଇପରାକ୍ଟିଭିଟି ଦେଖାଇଛନ୍ତି । ଯେମିତି ଲାଗୁଛି ଯେ ଏ ଯୁଦ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିବ, ତା'ର ସମାପ୍ତି କେବେ ଘଟିବ କଳନା କରିବା ସମ୍ଭବ ନୁହେଁ, ବରଂ ସମୟ ହିଁ କହିବ..!!!

ଅଧକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫୧୪୭୫

# ଶିଶୁ ସୃଜନୀ, ଶକ୍ତି ଓ ପ୍ରଗତି : ଆମ କୁନି ପିଲା



**ଯଶସ୍ୱିନୀ ପଟ୍ଟନାୟକ**

ଆମ କୁନି କୁନି କଳିକା ମାନଙ୍କ ସାମଗ୍ରୀକ ଉନ୍ନତି ନିମିତ୍ତ ସରକାରୀ ଭାବେ ଆରମ୍ଭ ହୋଇଛି ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ଆଜିର ଶିଶୁ କାଲିର ଏକ ଉଜ୍ଜ୍ୱଳ ସକାଳର ସମୁଜ୍ଜଳ ଆଲୋକ। ପିଲାମାନଙ୍କ ଏହି ମନୋଭାବକୁ କେବଳ ଦାୟିତ୍ୱ ମାଆ ମାନଙ୍କ ଉପରେ ଲଦି ଦେଲେ ଚଳିବ ନାହିଁ ଏଥିରେ ପିଲାଟିର ବାପାଙ୍କର ବି ଗୁରୁଦାୟିତ୍ୱ ରହିଛି। ତା ସହିତ ପରିବାରରେ ଶିଶୁର ଯତ୍ନ, ତିନି ବର୍ଷରୁ କମ ପିଲାମାନଙ୍କ ପାଳନରେ ଉଭୟ ପିତାମାତାଙ୍କ ଦାୟିତ୍ୱ ସହ ସେମାନଙ୍କ ଶିଶୁ ଯତ୍ନ ଭିତ୍ତିକ ଦକ୍ଷତା ବୃଦ୍ଧି ଓ ମସ୍ତିଷ୍କ ବିକାଶକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଗତ ଶିଶୁ ଦିବସ ଅବସରରେ ଆମ କୁନିପିଲା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଶିଶୁ ମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଶିଶୁମାନେ ହେଉଛନ୍ତି ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର। ଶୈଶବ କାଳରୁ ଶିଶୁ ମାନଙ୍କୁ ଉଚିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ପ୍ରଦାନ କରାଗଲେ ସେମାନେ ଭଲ ନାଗରିକ ହୋଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଦିଗଦର୍ଶନକୁ ଅନୁସରଣ କରି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ଶିଶୁ ଦିବସରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି 'ଆମ କୁନିପିଲା' କାର୍ଯ୍ୟକ୍ରମ।

ବର୍ତ୍ତମାନର ଧାଁ ଧଉଡ ଜୀବନକୁ ଦେଖିଲେ ଏବଂ ଅନେକ ଅଭାବୀ ପରିବାରର ପିଲାମାନଙ୍କ ଜୀବନ ଚିତ୍ରକୁ ଦେଖିଲେ ଜଣାଯାଏ ପିଲାମାନଙ୍କର ମନସ୍ତାତ୍ତ୍ୱିକ ଠାରୁ ଆର୍ଥିକ, ସାମାଜିକ ଠାରୁ ଶିକ୍ଷା ଅନେକ କ୍ଷେତ୍ରରେ ସେମାନେ ଆଜି ବି ଅପହଞ୍ଚ। ବଣମଲ୍ଲୀ ପରି ଅନେକ ପ୍ରତିଭାବାନ କଳିକାମାନେ ସେମାନଙ୍କର ସାମର୍ଥ୍ୟର ସୌଜନ୍ୟକୁ ସାମ୍ନାକୁ ଆଣିପାରୁନାହାଁନ୍ତି। ପିଲାମାନଙ୍କ ଭିତରେ ବିକଶିତ ବୌଦ୍ଧିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ କ୍ଷେତ୍ର ଏ ସବୁର ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ଭିତରେ ପିଲାଟିର ପ୍ରାରମ୍ଭିକ ଅଗ୍ରଣୀ ବିକାଶ ଆରମ୍ଭ ହୋଇଥାଏ। ଅନେକ ପିଲାମାନେ ବିଶେଷକରି ଗ୍ରାମାଞ୍ଚଳରେ ବିଦ୍ୟାଳୟକୁ ଆସିବା ପାଇଁ ସକ୍ଷମ ହୋଇନଥାନ୍ତି। ଓଡ଼ିଶାର ଏକ ଲୋକପ୍ରିୟ ସରକାର ଶିଶୁ ଶିକ୍ଷା ଓ ପିଲାମାନଙ୍କ ସର୍ବବିଧ ଉନ୍ନତି ପାଇଁ ସାର୍ବଜନୀନ ବିକଶିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଠାରୁ ଉଚ୍ଚତର ଶିକ୍ଷା ଅନେକ କିଛି ଯୋଜନା ପିଲାମାନଙ୍କ ପାଇଁ ରହିଛି ଏହାର ସୁଫଳ ଅନେକ ପିଲା ପାଉଛନ୍ତି ଓ ସେମାନଙ୍କର ଜୀବନର ଅମଡ଼ା ବାଟଟି ଯଥାର୍ଥ ବାଟରେ ଆଗେଇ ସେମାନେ ନିଜର ପ୍ରତିଭାର ବିକାଶ କରିପାରୁଛନ୍ତି। ପିତାମାତା ଓ ପରିବାରର ଅନ୍ୟ ଯତ୍ନ ପ୍ରଦାନକାରୀଙ୍କୁ ଶିଶୁର ପ୍ରାରମ୍ଭିକ ବର୍ଷ ପ୍ରତି ସମ୍ବେଦନଶୀଳ କରେଇବା, ପରିବାରର ପୁରୁଷ ମାନଙ୍କୁ ଶିଶୁ ଯତ୍ନରେ ସମ୍ପୃକ୍ତି କରିବା। କମ ମୂଲ୍ୟର ପରିବେଶ ଅନୁକୂଳ ସାମଗ୍ରୀ ଓ ଖେଳଣା ସହିତ ଶିଶୁ ମାନଙ୍କୁ ନିୟୋଜିତ କରିବା। ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଖେଳଣା, ଗପ ଏବଂ ସ୍ନେହଭରା କଥା, ଭଲ ପାଇବା, ସ୍ପର୍ଶ ଓ ଖେଳ ଦ୍ୱାରା ଶିଶୁ ମାନଙ୍କୁ ଏକ ସକରାତ୍ମକ ପରିବେଶ ଦେବା ସହ ସେମାନଙ୍କୁ ସକ୍ରିୟ କରାଇବା ଆଦି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ଅଭିଯାନରେ ସାମାଜିକ ଆଚରଣ ଯୋଗାଯୋଗ ସାମଗ୍ରୀ ଦ୍ୱାରା ପିତାମାତା, ପରିବାରର ଅନ୍ୟ ଯତ୍ନ ପ୍ରଦାନକାରୀ ତଥା ଅଙ୍ଗନବାଡ଼ିକର୍ମୀଙ୍କ କାର୍ଯ୍ୟକାରିତାକୁ ଆହୁରି ପ୍ରଭାବଶାଳୀ କରାଯାଇପାରିବ। ଏକ ଉତ୍ସାହଜନକ ପରିବେଶ ସୃଷ୍ଟି କରି ପିତାମାତାଙ୍କ ନେତୃତ୍ୱରେ ଘରେ ହିଁ ଆନନ୍ଦ ଦାୟକ ଶିଶୁ ବନ୍ଧୁତ୍ୱପୂର୍ଣ୍ଣ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ 'ଆମ କୁନି ପିଲା' କାର୍ଯ୍ୟକଳାପରେ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ସୂଚନାତ୍ମକ ସାମଗ୍ରୀ ଯଥା ମା ବିକାଶ ପତ୍ର, କୁନି କ୍ୟାଲେଣ୍ଡର, ଆମ କୁନି ପିଲା ବହି, ସୁଖଦ ଲାଳନ ପାଳନ, ହାଣ୍ଡ ବୁକ ଓ ଆମ କୁନି ପିଲା ଟଏ କିଟ ଆଦି ପ୍ରସ୍ତୁତ କରାଯାଇଛି।

ଆମ୍ଭେମାନେ ଜାଣିଛେ ପ୍ରତ୍ୟେକ ଶିଶୁର ପ୍ରଥମ ୧ ହଜାର ଦିନ ହେଉଛି ସମ୍ବେଦନଶୀଳ। ଏହି ପ୍ରଥମ ହଜାର ଦିନରେ ଶିଶୁଙ୍କ ମସ୍ତିଷ୍କର ବିକାଶ ଓ ଶାରୀରିକ ବିକାଶ ଆରମ୍ଭ ହୋଇଥାଏ। ଜୀବନବ୍ୟାପୀ ସ୍ୱାସ୍ଥ୍ୟର ମୂଳଦୁଆ ପଡ଼ିଥାଏ। ଏହି ସମୟ ମଧ୍ୟରେ ଉଭୟ ମା ଓ ଶିଶୁର ଯତ୍ନ ଓ ପୁଷ୍ଟିକର ପୋଷଣ ଉପରେ ଶିଶୁର ବୃଦ୍ଧି ନିର୍ଭର କରିଥାଏ। ପିଲାମାନଙ୍କର ସର୍ବବିଦ୍ଧ ଓ ସ୍ୱାସ୍ଥ୍ୟଭିତ୍ତିକ ଅଭିବୃଦ୍ଧି କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ସହ ମିଶନ ଶକ୍ତି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା କାର୍ଯ୍ୟକ୍ରମ। ସହରାଞ୍ଚଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ମିଶନ ହେଉ ବା ମିଶନ ଶକ୍ତିର କ୍ରାନ୍ତିକାରୀ ଯୋଜନା। ପିଲାମାନଙ୍କୁ ଆଗେଇ ନେବା ପାଇଁ ସେମାନଙ୍କ ସୃଜନ ସାମର୍ଥ୍ୟର ବିକାଶ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ମଧ ପ୍ରାତଃ ସ୍ମରଣୀୟ। ପିଲାମାନଙ୍କର ବିକାଶ କରିବା ଓ ସେମାନଙ୍କ ଭିତରେ ପାଠପ୍ରତି, ସମାଜ ପ୍ରତି ଓ ପରିବାର ପ୍ରତି ଆଗ୍ରହ ଦାୟିତ୍ୱବୋଧକୁ ବଢ଼ାଇବା ମଧ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା। ପିଲାମାନଙ୍କୁ ନୈତିକ ଶିକ୍ଷା ସହ ସେମାନଙ୍କୁ କୁପୋଷଣୁ ମୁକ୍ତ କରିବା ଏକ ବଡ଼ ଦାୟିତ୍ୱ ଏବଂ ଏହା ରାଷ୍ଟ୍ର ଦାୟିତ୍ୱ ହୋଇଥିଲେ ମଧ ଏହା ଆମ ସମସ୍ତଙ୍କ ପାଇଁ ଏକ ସାମାଜିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ସରକାରଙ୍କ ଆମ କୁନି ପିଲା କାର୍ଯ୍ୟକ୍ରମ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଭାବେ ପରିଗଣିତ ଏବଂ ଏଥିରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଆସନ୍ତୁ ଆମ କୁନି କଳିକା ମାନଙ୍କୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ନିମଣରେ ସାମିଲ କରି ସେମାନଙ୍କୁ ଆଗେଇ ନେବା।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ




## ଜଣେ ମୁକୁଟ ବିହୀନ ସମ୍ରାଟ

**ସୁଧାକର ସେଠୀ**

(ସତ୍ୟ ଭାଇଙ୍କ ସ୍ମୃତିରେ)

ଏକ ଅସରନ୍ତି କଥାର ସମାହାର
ଦରଦି ମନର ଉଚ୍ଛ୍ୱାସ
ସଂଗୀତର ଯାଦୁକାରୀ ଛୁଆଁ
ସଦା ମନେରଖିବା ଭଳି ବ୍ୟକ୍ତିତ୍ୱ ।

ସବୁରେ ଘଟିଛି ବ୍ୟତିକ୍ରମ, ଯେମିତି
ସବୁ ଯାଇଛି ନୀରବି
ଚାରି ଆଡେ ଖାଲି ଶୂନ୍ୟତା
ହାରିବା ଦୁଃଖରେ ଜର୍ଜରିତ ଦୃଦ
ଦଲକାଏ ପବନ ସାଜିଛି ବାଧକ
ସବୁ ଯେମିତି ଅପରିଚିତ, ଅପହଁଚ,
ପ୍ରତିଫଳିତ ଜୀବନର ବାସ୍ତବତା ।

କିଛି ଫର୍ଦ ଲେଉଟାଇ ପଛକୁ
ସ୍ମୃତିର ସେ ମିଠା ପରସ
ସାଗର ତରଙ୍ଗ ସହ ଲଢେଇ
ଆଉ ଏକ ଦ୍ରୋଣର ଉପସ୍ଥିତି
ମୋ, ସାମ୍ବିକତା ଜୀବନ
ଅୟମାରମ୍ଭ
ସ୍ୱପ୍ନ ସମ୍ଭାବନା ଓ ବାସ୍ତବତାର
ମୂଲ୍ୟାୟକ
ଦୃଢ ବନ୍ଧନ, ଅଜାଡିତ
ଆଶୀର୍ବାଦର ବର୍ଷା
ସେ ସହଯୋଗର ହାତ,
ବେଶ କିଛି ଦିନ
ଦୃଶ୍ୟପଟ୍ଟ ପରିବର୍ତ୍ତନ କୁ ଛୁଇଁବା
ଯାଏ ।

ଆତ୍ମବିଭୋର ଦିନ କେଇଟା
ଜାତୀୟ ଆନ୍ତର୍ଜାତିୟ ସ୍ତରରେ,
ସ୍ୱୟ ପ୍ରତିଭା
ସତ୍ୟଭାଇର ଭଲପାଇବା,
ଶୁଭକାମନା
ରଂକ୍ତ ସଂପର୍କର ସଂଜ୍ଞାଧାରୀଙ୍କଠାରୁ
ବେଶ ନିଜର, ଆତ୍ମିୟତା ଭରା ।

ସ୍ମୃତିର ସମାହାର
ବାରମ୍ବାର କଷଟିପଥର ପରି,ସେ
ଚିହ୍ନାଉ ଥାନ୍ତି ଅସଲ ନକଲ
ପ୍ରେରଣାର ଉତ୍ସ,ମୋ ଉପରେ
କୌଣସି ସମ୍ବାଦପତ୍ରରେ ବାହାରିଥିବା
ଖବର
ଅଲକ୍ଷରେ ବାଦପଡିଲେ
ଧରାପଡିଯାଏ ସତ୍ୟଭାଇ ଠାରେ
ବାଜି ଉଠେ ଫୋନ ଘଣ୍ଟି, ସେ
ଭଲପାଇବାରେ
ହୃଦ ହୁଏ ବିଗଳିତା।

ବୃକ୍ଷରୋପଣ ହେଉ ବା
ସାମାଜିକ କାଯର୍ଯ୍ୟେ
ଲୋଡା ହୁଏ ମୁଁ, ବ୍ୟବଧାନ
ଦିନ କେଇଟା
ସ୍ମୃତି ସମାହାରେ ତ ଜୀବନ
ସବୁ ନାଚିଯାଉଛି ଚକ୍ଷୁର ପଲକେ
ହୃଦୟ ସ୍ଥିର, ଆଖିରେ ଅବିରତ
ଲୋତକ ବର୍ଷା
ଏ ମହାଜାଗତିକ ସ୍ପର୍ଶ ପାଇଁ
ବ୍ୟାକୁଳତା ।

ଶେଷ ଦେଖା 'ଆମେ ସବୁ ଏକାଠି'
ଶରଦ ସାହିତ୍ୟ ସନ୍ଧ୍ୟା
ଗୋପା ଅପାଙ୍କ ଆୟୋଜନ
ଉପୁଭାଇ ଆଉ ମୁଁ
ସ୍ୱପ୍ନଖିଅ ଯୋଡିବାରେ ବ୍ୟସ୍ତ
ପ୍ରଶାନ୍ତ ଭାଇ, ରାଧା ସାର,
ଅଭୟ ଭାଇ, ଶ୍ରୀଦେବ ଭାଇ
ଅପର୍ଣ୍ଣା ଅପା, ହେମ ଅପା,
ବାସନ୍ତୀ ଅପା ଓ ଅନ୍ୟମାନେ
ବେଶ ଖୁସିଥିଲେ, ସବୁଦିନ ପରି
ଗାଉଥିଲେ ଅକ୍ଷୟ ମହାନ୍ତିଙ୍କ
ଗୀତର ଅବିକଳ ନକଲ
ଝଟକୁଥିଲ ମୁଖ, ନିଜ ଖିଆଲରେ
କଣ ସବୁ ଚାଲିଥିଲେ ଗୋଟେଇ,ଠିକ
ଜଣେ ମୁକୁଟ ବିହୀନ ସମ୍ରାଟ ପରି...

ଭିନ୍ନକ୍ଷମ ଜାତୀୟ କ୍ରୀଡାବିତ ତଥା
ମାନବାଧିକାର କର୍ମୀ
ଜୟେଶ୍ୱରପୁର, ବାଲେଶ୍ୱର
ମୋ: ୯୩୩୭୬୮୧୫୨୪

## ପ୍ରତାରଣା

**ସୁରାତ୍ରୀ ପ୍ରଧାନ**

ତୋ ପ୍ରତାରଣାରେ ଦୁଃଖ ନାହିଁ ମୋର
ମତେ ପ୍ରତାରଣା ଜଣା
ନିକିତି ତଉଲ ସାନ,ବଡ ପରି
ଟିକେ କରିବିନି ଊଣା ।

ସମୟ ଆସିଲେ ଇଟାର ଜବାବ
ପଥରରେ ମୁହିଁ ଦେବି
ତୁ କଣ ଭାବୁଛୁ ଘର କଣେ ବସି
ନିତି ଲୁହ ଗଡ଼ାଇବି ।

ସହିବାର ସୀମା ସବୁ ପାର କଲୁ
ଆଉ ମୁଁ ସହିବି ନାହିଁ
ତୁ ଯଦି ଏମିତି ବହୁରୂପି ହେବୁ
ମୁଁ ବି ଛାଡ଼ିବି ନାହିଁ ।

ଆଖି ବୁଜି ତୁହି କ୍ଷୀର ପିଉଅଛୁ
ଭାବୁଛୁ କେ ଦେଖି ନାହିଁ
ଉପର ବାଲା ପା ସବୁ ଦେଖୁଅଛି
ତତେ ଜଣା ପଡୁନାହିଁ ।

ଏ ଫୁଲରୁ ଉଡି ସେ ଫୁଲରେ ବସୁ
କୋଉ ଫୁଲେ ନାହିଁ ବାସ
ବଦଳି ଯାଉ ତୁ ପ୍ରତି ମୁହୂର୍ତ୍ତରେ
ଯେମିତି କି ବର୍ଷ ମାସ ।।

ଯୁଆଡେ ଯାଉଛୁ ଯାଆରେ ଭଅଁର
ପ୍ରକୃତି ଛାଡ଼ିବୁ ନାହିଁ
ଡେଣା ଯେବେ ତୋର
ପଡିବ ଛିଡିରେ
ତୋ ପାଖେ ନ ଥିବେ କେହି ।

+କୁସୁପୁର, ଗୋପ,
ପୁରୀ-୭୫୨୧୧୦
ମୋ: ୭୦୦୮୨୬୦୫୧୬

## ଯନ୍ତ୍ରଣା

**କବିତା ପଣ୍ଡା**

ଅଭିମାନ କରି
ଚାଲି ଗଲ ସତ
କୋଉଠି ବସିଛ ଋଷି ।
ମନ ତାରା ଫୁଲ
ଖୋଜେ କେତେ ଆଜି
ପାଉନି ତୁମକୁ ସାଥୀ ।
ରହିଛି ରହିବି
ରହିଥିଲି ତୁମ
ପଣତ ଛାଇରେ ନିତି ।
ହାତ ପରେ ହାତ
ଛନ୍ଦି ଦେଇ ତୁମେ
ଦେଉଥିଲ ଆଶା ସଞ୍ଚି ।
କୋଉ ଅଭିପ୍ରାୟ
ପର କରି ଆଜି
ଯାଇଛ ହେ ପରବାଶୀ ।
ତୁମଠାରୁ ବେଶୀ
କିଏବା ନିଜର
କାହାକୁ କହିବି ହସି ।
ଅଳି କରି କେତେ
ମାଗିବି ଉପହାର
ନିଜଠୁ ନିଜର ଭାବି ।
ଚିର କାଳ ମୋର
ରହିଥିବ ତୁମେ
ପ୍ରଣବ ଧାରାଟି ସାଜି ।
ଯେତେ ଅମାବାସ୍ୟା
ଆସୁ ଏ ଜୀବନେ
ଲାଗିବ ଆଲୋକ ଭଳି ।
ବାଟ ଚାଲୁଥିଲି
ସାଥି କରି ତତେ
ଅନ୍ଧର ବାଡ଼ିଟେ ।

ମଙ୍ଗଳପୁର, ସୋର,ବାଲେଶ୍ୱର

# ରଶ୍ମିକା ମନ୍ଦାନାଙ୍କ 'ଡିପ୍ ଫେକ୍' ଭିଡିଓ ମାମଲାରେ ବିହାରର ଜଣେ ଯୁବକଙ୍କୁ ଜେରା କଲା ପୁଲିସ୍

ସୋସିଆଲ ମିଡିଆରେ ବ୍ୟାପକ ଭାବେ ପ୍ରସାରିତ ହୋଇଥିବା ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ 'ଡିପ୍ ଫେକ୍' ଭିଡିଓ ପ୍ରସଂଗରେ ଦିଲ୍ଲୀ ପୁଲିସ ବିହାରର ୧୯ ବର୍ଷ ବୟସ୍କ ଜଣେ ଯୁବକଙ୍କୁ ପଚରାଉଚରା କରିଛି ବୋଲି ଅଧିକାରୀମାନେ ବୁଧବାର ସୂଚନା ଦେଇଛନ୍ତି।

ପୁଲିସ ସନ୍ଦେହ କରୁଛି ଯେ ଯୁବକ ପ୍ରଥମେ ଏହି ଭିଡିଓକୁ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅପଲୋଡ୍ କରିଥିଲେ ଏବଂ ପରେ ଏହାକୁ ଅନ୍ୟ ପ୍ଲାଟଫର୍ମରେ ବହୁଳ ଭାବରେ ସେୟାର କରିଥିଲେ। ଏହି ଘଟଣାରେ ପ୍ରଥମେ ତାଙ୍କ ଆକାଉଣ୍ଟରୁ ସୋସିଆଲ ମିଡିଆରେ ଅପଲୋଡ୍ ହୋଇଥିବାରୁ ତାଙ୍କୁ ଏହି ଅନୁସନ୍ଧାନରେ ଯୋଗଦେବାକୁ ନୋଟିସ୍ ଦିଆଯାଇଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ ପିଟିଆଇକୁ କହିଛନ୍ତି।

ନଭେମ୍ବର ୧୦ ତାରିଖରେ, ଭାରତୀୟ ଦଣ୍ଡ ସଂହିତା ଧାରା ୪୬୫ ଏବଂ ୪୬୯ ଏବଂ ଇଣ୍ଟେଲିଜେନ୍ସ ଫ୍ୟୁଜନ୍ ଆଣ୍ଡ ଷ୍ଟ୍ରାଟେଜିକ୍ ଅପରେସନ୍ସ (ଆଇଏଫ୍ଏସ୍ଓ) ରେ ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମର ୬୬ସି ଏବଂ ୬୬ଇ ଅନୁଯାୟୀ ଏକ ଏଫ୍ଆଇଆର ପଞ୍ଜିକୃତ ହୋଇଥିଲା।

ତେବେ ମଙ୍ଗଳବାର ପୁଲିସ କହିଛି ଯେ ଏହି ମାମଲାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ଧରାପଡ଼ିଥିବା ଯୁବକ ଜଣକ କହିଛନ୍ତି ଯେ ସେ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଭିଡିଓ ଡାଉନଲୋଡ୍ କରିଥିଲେ। ହେଲେ ବି ପୁଲିସ୍ ତାଙ୍କୁ ପଚରାଉଚରା କରୁଛି।

ଅଧିକାରୀ କହିଛନ୍ତି ଯେ ବିହାରର ମୂଳ ବାସିନ୍ଦା ଏହି ଯୁବକଙ୍କୁ ଆଇଏଫଏସଓ ୟୁନିଟରେ ହାଜର ହେବାକୁ ଏବଂ ତାଙ୍କ ମୋବାଇଲ ଫୋନ ଆଣିବାକୁ କୁହାଯାଇଥିଲା, ଯାହା ଭଡିଓ ଭିଡିଓ ଅପଲୋଡ କରିବା ପାଇଁ ବ୍ୟବହୃତ ହୋଇଥିଲା।

ଏକ ଏଫ୍ଆଇଆର ପଞ୍ଜୀକରଣ କରିବାର କିଛି ସମୟ ପରେ, ଆଇଏଫ୍ଏସ୍ଓ ୟୁନିଟ୍ ମଧ୍ୟ ମେଟାକୁ ଲେଖି ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ ୟୁଆରଏଲ୍ ଓ ଅନ୍ୟାନ୍ୟ ବିବରଣୀ ମାଗିଥିଲା।




# ସ୍ୱାମୀଙ୍କର ବିଶେଷ ଯତ୍ନ ନିଅନ୍ତି ପ୍ରିୟଙ୍କା, ୧୮ ବର୍ଷ ହେବ ଏହି ରୋଗ ସହ ଲଢୁଛନ୍ତି ନିକ୍



ବଲିଉଡ୍‌ର ଦେଶୀ ଗର୍ଲ ପ୍ରିୟଙ୍କ ଚୋପ୍ରା। ହିନ୍ଦୀ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ସହ ଅଭିନେତ୍ରୀ ବିଦେଶରେ ବି ସଫଳତା ବିସ୍ତାର କରିଛନ୍ତି। ବଲିଉଡରେ ଏକ ସଫଳତା ହାସଲ କରିବା ପରେ ଏବେ ହଲିଉଡରେ ମଧ୍ୟ ବହୁତ ଭଲ କାମ କରିଛନ୍ତି। କହିବାକୁ ଗଲେ ପ୍ରିୟଙ୍କା ତାଙ୍କ ସ୍ୱାମୀ ନିକ ଜୋନାସ ଏବଂ ଝିଅ ମାଲତୀ ମେରିଙ୍କ ସହିତ ଦୀର୍ଘ ସମୟ ଧରି ରହିଆସିଛନ୍ତି । ସେ ଭାରତଠାରୁ ଦୂରରେ ଥାଇ ବି ଯେକୌଣସି କାରଣର ଯୋଗୁଁ ଚର୍ଚ୍ଚାରେ ରୁହନ୍ତି। ଏସବୁ ମଧ୍ୟରେ ତାଙ୍କ ସ୍ୱାମୀ ପ୍ରକାଶ କରିଛନ୍ତି ଯେ ସେ ଦୀର୍ଘ ଦିନ ଧରି ଟାଇପ୍ -୧ ଡାଇବେଟିସ୍ ସହିତ ସଂଘର୍ଷ କରୁଛନ୍ତି। ଏଥିପାଇଁ ପ୍ରିୟଙ୍କା ତାଙ୍କ ବିଶେଷ ଯତ୍ନ ନିଅନ୍ତି।

ମିଡିଆ ରିପୋର୍ଟ ଅନୁଯାୟୀ ନିକ ତାଙ୍କ ସ୍ୱାସ୍ଥ୍ୟା ଅବସ୍ଥା ବିଷୟରେ ବହୁତ କଥା ହୋଇଥିଲେ। ଏହା ସହିତ ସେ ପ୍ରିୟଙ୍କା ଚୋପ୍ରାଙ୍କ ବିଷୟରେ ମଧ୍ୟ ବହୁତ କଥା କହିଥିଲେ। ରିପୋର୍ଟ ଅନୁଯାୟୀ, ନିକ କହିଛନ୍ତି ଯେ ବର୍ତ୍ତମାନ ସେ ଝିଅ ମାଲତୀ ମେରି ଚୋପ୍ରା ଜୋନାସଙ୍କୁ ମଧ୍ୟ ଏହି ରୋଗ ବିଷୟରେ ଜଣାଇବାକୁ ଯୋଜନା କରୁଛନ୍ତି।

# ବିଜ୍ଞାପନ ବ୍ରାଣ୍ଡ୍ ପାଇଁ ଫି' ବଢାଇଲେ ଅଲ୍ଲୁ, ଦିନକୁ ପାରିଶ୍ରମିକ ୬ କୋଟି

ବ୍ଲକ୍‌ବଷ୍ଟର ତେଲୁଗୁ ଫିଲ୍ମ 'ପୁଷ୍ପା'ର ସଫଳତା ପରେ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଡିମାଣ୍ଡ ଖୁବ୍ ବଢ଼ିଯାଇଛି । ଏକ ରିପୋର୍ଟ ଅନୁସାରେ, 'ପୁଷ୍ପା' ପରେ ଅଲ୍ଲୁ ବ୍ରାଣ୍ଡଗୁଡ଼ିକର ବିଜ୍ଞାପନ ଲାଗି ପାରିଶ୍ରମିକ ୧୭ ଗୁଣ ବଢ଼ାଇ ଦେଇଛନ୍ତି । ଏକ ଗଣମାଧ୍ୟମ ସ୍ପଷ୍ଟ କରିଛି, 'ପୁଷ୍ପା' ଫିଲ୍ମ ପୂର୍ବରୁ ଅଲ୍ଲୁ ଗୋଟିଏ ଦିନର ସୁଟିଂ ପାଇଁ ୩୫ ଲକ୍ଷ ଟଙ୍କା ଦାବି କରୁଥିଲେ । କିନ୍ତୁ ଏବେ କୌଣସି ବ୍ରାଣ୍ଡ୍‌ର ବିଜ୍ଞାପନ କରିବା ପାଇଁ ଦିନକୁ ୬ କୋଟି ଟଙ୍କା ଦାବି କରୁଛନ୍ତି । ଜଣେ ସାଉଥ୍ କଳାକାରଙ୍କ ପାଇଁ ଏହା ସର୍ବାଧିକ ପାରିଶ୍ରମିକ । ଅଲ୍ଲୁଙ୍କ ଭଳି ଲୋକପ୍ରିୟତା ପାଇଥିବା ସାଉଥ୍ ଷ୍ଟାରମାନେ ଦୁଇ ବର୍ଷ ପୂର୍ବର ବିଜ୍ଞାପନ ପାରିଶ୍ରମିକ ମୂଲ୍ୟଠାରୁ ୮ ଗୁଣ ଅଧିକ ଦାବି କରୁଛନ୍ତି । 'ପୁଷ୍ପା'ର ସଫଳତା ପରେ ଅଲ୍ଲୁ ଅନେକ ବଡ଼ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ୍‌ର ଚେହେରା ହୋଇଛନ୍ତି । ନିକଟରେ ସେ ୬ ନୂଆ ବ୍ରାଣ୍ଡ୍ ସହ ଚୁକ୍ତି କରିଛନ୍ତି, ଯେଉଁଥିରେ କୋକା-କୋଲା, କେଏଫ୍‌ସି, ଜୋମାଟୋ ଓ ରେଡ୍ ବସ୍ ଭଳି ବଡ଼ ନାଁ ସାମିଲ । ଅଲ୍ଲୁ ଏବେ ହାଇଦ୍ରାବାଦରେ 'ପୁଷ୍ପା'ର ୨ୟ ଭାଗର ସୁଟିଂରେ ବ୍ୟସ୍ତ ଅଛନ୍ତି । ଆସନ୍ତା ବର୍ଷ ଅଗଷ୍ଟରେ ଏହା ମୁକ୍ତିଲାଭ କରିବ



# ରାଘବ ଜୁୟାଲଙ୍କ ସହ ଡେଟିଂ ଚର୍ଚ୍ଚା ଭିତରେ ଏପରି ପୋଷ୍ଟ୍ କଲେ ଶେହେନାଜ୍ ଗିଲ୍



ଶେହାନାଜ ଗିଲ ସଲମାନ ଖାନଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ'ରେ ରାଘବ ଜୁୟାଲଙ୍କ ସହ କାମ କରିବା କଥା ଆମେ ଜାଣନ୍ତି। ଶେହାନାଜ ଅଭିନେତାଙ୍କ ସହ ସ୍କ୍ରିନ୍ ସେୟାର କରିଥିବା ହେତୁ କିଛି ଲୋକ ଭାବୁଛନ୍ତି ଯେ ଉଭୟ ଡେଟିଂ କରୁଛନ୍ତି ବୋଲି। ଯଦିଓ ରାଘବ ଏହି ଦାବିକୁ ଅନେକ ଥର ଅସ୍ୱୀକାର କରିଛନ୍ତି, ତଥାପି ପ୍ରଶଂସକମାନେ ଭାବନ୍ତି ଯେ ଶେହନାଜ ଏବଂ ରାଘବ ଡେଟିଂ କରୁଛନ୍ତି।

ଏହାର ଅନ୍ୟ ଏକ କାରଣ ହେଉଛି ନିକଟରେ ଅଭିନେତ୍ରୀ ରାଘବଙ୍କ ସହରରେ ନଜର ଆସିଥିଲେ। ଦୁହେଁ ଏକାଠି ବଦ୍ରିନାଥ ମନ୍ଦିର ପରିଦର୍ଶନ କରୁଥିବାର ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଅଭିନେତ୍ରୀ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଏବଂ ଟ୍ରୋଲରମାନଙ୍କୁ ଉପଯୁକ୍ତ ଉତ୍ତର ଦେଇଛନ୍ତି।

ସମ୍ପ୍ରତି, ଶେହନାଜ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ଏକ ସେଲଫି ପୋଷ୍ଟ କରିଛନ୍ତି, ଯେଉଁଥିରେ ଚଷମା ସହିତ ମୁହଁରେ ଫିଲ୍ଟର ଅଛି। ଚଷମା ଲେନ୍ସରେ 'ମୁଁ ଖାତିର କରେ ନାହିଁ' ବା 'ଆଇ ଡୋଣ୍ଟ୍ କେୟାର' ବୋଲି ଲେଖାଯାଇଥିଲା। କଳା-ଧଳା ଚିତ୍ରରେ ଶେହନାଜ୍ କ୍ୟାମେରା ଆଡକୁ ଏକଦମ ବସି ଅନ୍ଦାଜରେ ଚାହିଁଛନ୍ତି।

ନିକଟରେ ରାଘବଙ୍କୁ ଏକ ମନ୍ଦିରରେ ନୀଳ ଜ୍ୟାକେଟ୍ ପିନ୍ଧିଥିବା ଜଣେ ଯୁବତୀ ସହିତ ଦେଖିବାକୁ ମିଳିଥିଲା। ଯୁବତୀ ଜଣକ ମୁଣ୍ଡରେ 'ମଙ୍କି କ୍ୟାପ୍' ପିନ୍ଧିଥିଲେ। ସେହିପରି ଜ୍ୟାକେଟ୍ ଓ କ୍ୟାପ୍‌ରେ ଶେହେନାଜଙ୍କୁ ଦେଖିବା ପରେ ଲୋକ ତାଙ୍କୁ ଅଭିନେତ୍ରୀ ବୋଲି ଅନୁମାନ ଲଗାଇଥିଲେ। ମାତ୍ର ସେ ଦୁହେଁ ପରସ୍ପରଙ୍କୁ ସର୍ବଦା ଭଲ ବନ୍ଧୁ ବୋଲି କହି ଆସିଛନ୍ତି।

# ଜୀ-ସାର୍ଥକର ସୁପରହିଟ୍ ମେଗା ଧାରାବାହିକ 'ସନ୍ଧ୍ୟା ରାଗିଣୀ'

ଜୀ-ସାର୍ଥକ ସବୁବେଳେ ଭିନ୍ନ ଭିନ୍ନ କାହାଣୀ ଓ ଓଡ଼ିଶା ନାରୀର ଅଦମ୍ୟ ମନୋବଳ ପ୍ରତିଫଳିତ କରିଛନ୍ତି ନିଜର ମେଗା ଧାରାବାହିକ ହେଉ କି ରିୟଲିଟି ସୋ ମାଧ୍ୟମରେ । ସେହିପରି ନାରୀ ସାହସର ଏକ ଅଦମ୍ୟ କାହାଣୀକୁ ନେଇ ଅକ୍ଟୋବର ୨ ରୁ ଜୀ-ସାର୍ଥକରେ ପ୍ରସାରିତ 'ସନ୍ଧ୍ୟା ରାଗିଣୀ' ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି । ସମ୍ପୂର୍ଣ ଓଡ଼ିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ଓଡ଼ିଶାର ଲୋକପ୍ରିୟ ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ଧାରାବାହିକ 'ସନ୍ଧ୍ୟା ରାଗିଣୀ' ସବୁ ସପ୍ତାହରେ ଅଧିକରୁ ଅଧିକ ଦର୍ଶକଙ୍କ ଭଲ ପାଇବା ସାଉଁଟିଛି ।



ଓଡ଼ିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀ ଏକ ଭୁଲ ବୁଝାମଣା ପାଇଁ ଅଲଗା ହୋଇଯାଇଥିଲେ। ଏହା ମଧ୍ୟରେ ବହୁତ ବର୍ଷ ବିତି ଯାଇଛି । ଗୋଟେ ପଟେ ଦେବକୀର ଝିଅ ରାଗିଣୀ, ଲଣ୍ଡନରେ ପାଠ ପଢ଼ିଥିବା ଆଧୁନିକ ତଥା ସ୍ୱାଧୀନ ଚିନ୍ତାଧାରା ରଖୁଥିବା ଝିଅ । ଆଉ ଅନ୍ୟପଟେ ପାରମ୍ପରିକ ଚଳଣି ସହ ଘରର ବଡ଼ମାନଙ୍କୁ ସମ୍ମାନ କରୁଥିବା ଯଶୋଦାର ଝିଅ 'ସନ୍ଧ୍ୟା' ଏବଂ ତା ସ୍ୱପ୍ନ ଭାରତ ପାଇଁ ହକି ଖେଳିବାକୁ। ଦେବକୀର ମୃତ୍ୟୁ ପରେ ଯଶୋଦା ରାଗିଣୀକୁ ନିଜ ସାଙ୍ଗରେ ଘରକୁ ନେଇଆସିଛି । ଆଧୁନିକ ଚିନ୍ତାଧାରା ରଖୁଥିବା ଝିଅ କଣ ଚୌଧୁରୀ ପରିବାରରେ ନିଜକୁ ଖାପଖୁଆଇ ଚଳି ପାରିବ ଯୋଉଠି ସିଦ୍ଧାନ୍ତ ଓ ନୈତିକତା ସୀମା ରେଖା ବାହାରେ କିଛି ବି ସମ୍ଭବ ନୁହଁ। ଯଶୋଦା ଦୁଇ ଝିଅ ସନ୍ଧ୍ୟା ଓ ରାଗିଣୀଙ୍କ ସ୍ୱପ୍ନ ପୂରା କରିବାକୁ ଯାଇ କଣ କିଛି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ, ରାଗିଣୀର ଚାଲିଚଲଣ ପାଇଁ ଆଗକୁ ଯାଇ ଯଶୋଦା-ରଘୁରାଜ ସମ୍ପର୍କରେ କଣ ଫାଟ ସୃଷ୍ଟି ହେଇଯିବ, ଏଇ ସବୁକୁ ନେଇ ଆମ ଧାରାବାହିକ ସନ୍ଧ୍ୟା-ରାଗିଣୀ । ଧାରାବାହିକର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ମିଶ୍ର, ହିତେଶା, ପ୍ରିୟଙ୍କା, ଦୀପ୍ତିରେଖା, ଜ୍ୟୋତି ଓ କେକେ ।

ଜୀ-ସାର୍ଥକର ସଦା ସର୍ବଦା ଓଡ଼ିଶାର ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ଓଡ଼ିଆ ଘରର କାହାଣୀକୁ ନେଇ ରାଜ୍ୟର ଦର୍ଶକଙ୍କ ମନୋରଞ୍ଜନ କରିଆସିଛି ଯେଉଁଥିପାଇଁ ଆପଣମାନେ ଏହି ଚ୍ୟାନେଲକୁ ସବୁବେଳେ ଏକ ନମ୍ବର ଚ୍ୟାନେଲ କରି ରଖିଛନ୍ତି । ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ନୂଆ ନୂଆ ଅପ୍ରତ୍ୟାଶିତ ମୋଡ଼ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବ ବୋଲି ଜୀ-ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଆଶା ବ୍ୟକ୍ତ କରିଛନ୍ତି ।



# ରାଜନୀତି ଜଗତରେ ଏଣ୍ଟ୍ରି କରିବେ ମାଧୁରୀ

ବଲିଉଡର ଜଣାଶୁଣା ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ଆସନ୍ତା ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରିପାରନ୍ତି। କୁହାଯାଉଛି ମାଧୁରୀ ଦୀର୍ଘ ଦିନ ଧରି ଭାରତୀୟ ଜନତା ପାର୍ଟି (ବିଜେପି) ନେତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ତେବେ ସେ ଏପର୍ଯ୍ୟନ୍ତ ଏହାକୁ ସ୍ପଷ୍ଟ କରିନାହାଁନ୍ତି । କୁହାଯାଉଛି କି ଯଦି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରନ୍ତି ତେବେ ସେ କେଉଁ ଦଳରେ ଯୋଗଦେବେ । ଏହାପୂର୍ବରୁ ପୁଣେରୁ ତାଙ୍କ ନିର୍ବାଚନ ବିଷୟରେ ମଧ୍ୟ କଳ୍ପନାଜଳ୍ପନା କରାଯାଇଥିଲା। ମୁମ୍ବାଇର ୱାନଖେଡେ ଷ୍ଟାଡିୟମରେ ଆୟୋଜିତ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ସେମିଫାଇନାଲ ମ୍ୟାଚରେ ମାଧୁରୀକୁ ଷ୍ଟାଡିୟମ୍‌ରେ ବସିଥିଲେ। ଏହି ସମୟରେ ତାଙ୍କୁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସହ ଦେଖିବାକୁ ମିଳିଥିଲା। ଏନସିପି ନେତା ପ୍ରଫୁଲ୍ଲ ପଟେଲ ଏବଂ ବିଜେପି ନେତା ଆଶିଷ ଶେଲାର ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଯାହା ପରେ ମାଧୁରୀଙ୍କୁ ନେଇ ରାଜନୈତିକ ସର୍କଲରେ କଳ୍ପନାଜଳ୍ପନା ଚାଲିଛି। ତେବେ ବିଜେପିର ବରିଷ୍ଠ ନେତା ଗୋପାଳ ଶେଟ୍ଟୀ ହେଉଛନ୍ତି ଉତ୍ତର ମୁମ୍ବାଇର ଲୋକସଭା ସାଂସଦ। ଗୋପାଳ ଶେଟ୍ଟୀ ହିଁ ୨୦୧୯ ନିର୍ବାଚନରେ ଉର୍ମିଳା ମାତଣ୍ଡେକରଙ୍କୁ ପରାସ୍ତ କରି ଦ୍ୱିତୀୟ ଥର ସାଂସଦ ହୋଇଥିଲେ। ଏଭଳି ପରିସ୍ଥିତିରେ ବିଜେପି ଏହି ଆସନରୁ ଗୋପାଳ ଶେଟ୍ଟୀଙ୍କ ସ୍ଥାନରେ ମାଧୁରୀ ଦୀକ୍ଷିତଙ୍କୁ ଲଢିବାବାକୁ ଦିଆଯାଇପାରେ। ମାଧୁରୀ ଉତ୍ତର ପଶ୍ଚିମ ମୁମ୍ବାଇ ଆସନରୁ ନିର୍ବାଚନରେ ଲଢିବାର ସମ୍ଭାବନା ରହିଛି।

# ପ୍ରଭାସଙ୍କ ସାଲାର୍ ହେବ ସୁପରହିଟ୍ ମେକର୍ସ କଲେ ସ୍ପେଶାଲ୍ ପ୍ଲାନ





ସୁପରଷ୍ଟାର ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ସାଲାର। ଡିସେମ୍ବର ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ଦୀର୍ଘ ଦିନ ଧରି ଫିଲ୍ମ (ସାଲାର ରିଲିଜ୍) ବିଷୟରେ ଚର୍ଚ୍ଚା ହୋଇଥିଲା। ନିର୍ମାତା ପ୍ରଶାନ୍ତ ନୀଲଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ସହିତ ବିଭିନ୍ନ କୌଶଳ ଚେଷ୍ଟା କରୁଛନ୍ତି। ଏହି ସମୟରେ ବକ୍ସ ଅଫିସରେ ଫିଲ୍ମକୁ ସୁପରହିଟ୍ କରିବା ପାଇଁ ଏକ ବଡ ରିସ୍କ ନେଇଛନ୍ତି। ତେବେ କେଜିଏଫ୍ ତାରକା ୟଶ ପ୍ରଭାସଙ୍କ ସାଲାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି । ଖବର ହେଉଛି ଏଥିରେ ଅଭିନେତା ଏକ କ୍ୟାମିଓରେ ଦେଖିବାକୁ ମିଳିବେ । ଫିଲ୍ମରେ ଏକ ସ୍ୱତନ୍ତ୍ର କ୍ୟାମିଓ ପାଇଁ ପ୍ରଶାନ୍ତ ନୀଲ ମଧ୍ୟ ୟଶଙ୍କ ସହ କଥା ହୋଇଛନ୍ତି। ଅଭିନେତା ମଧ୍ୟ ଏଥିପାଇଁ ରାଜି ହୋଇଛନ୍ତି।ଫିଲ୍ମର କ୍ଲାଇମାକ୍ସରେ ଦେଖିବାକୁ ମିଳିବ। ସାଲାର ଚଳିତ ବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ଅଛି। ଏହା ଶାହାରୁଖ ଖାନଙ୍କ ଡିଙ୍କି ସହିତ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଛି। ନିକଟରେ ଫିଲ୍ମର ଟିଜର ରିଲିଜ ହୋଇଥିଲା। ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଥିଲା ହୋମବେଲ୍ସ ଫିଲ୍ମର ବ୍ୟାନରରେ ଏହି ଫିଲ୍ମ ପ୍ରସ୍ତୁତ କରାଯାଇଛି। ସାଲାର ହେଉଛି ଏକ ଆକ୍ସନ୍-ଥ୍ରୀଲର୍ । ପ୍ରଭାସଙ୍କ ବ୍ୟତୀତ ଶ୍ରୁତି ହାସନ ଏବଂ ପ୍ରୀତିରାଜ ସୁକୁମାରନ ଏହି ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଯେତେବେଳେ କି ଜଗପତି ବାବୁ ଏହି ଚଳଚ୍ଚିତ୍ରରେ ଭିଲେନ୍ ଭୂମିକାରେ ଅଭିନୟ କରିବେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ , ୧୫/୧୧ (ନି.ପ୍ର): ପୁରୀ ଜିଲ୍ଲା ରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଚଳିତ ମାସ ତୃତୀୟ ସପ୍ତାହ ରେ ଆରମ୍ଭ ହେବ ।ତେଣୁ ବିଭିନ୍ନ ବିଭାଗ ବିଭିନ୍ନ ଫ୍ଲାଗ ସିପ କାର୍ଯ୍ୟକ୍ରମ ର ସଫଳତା ସମ୍ପର୍କରେ ଲୋକ ମାନଙ୍କୁ ଅବଗତ ଓ ସଚେତନ କରାଇବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି ।ଆଜି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ସଚେତନ କରିବା ଉଦ୍ଦେଶ୍ୟ ରେ ଆଜି ଠାରୁ ରାଜ୍ୟର କେତେକ ଜିଲ୍ଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ସହ ସଚେତନତା ରଥ ପରିକ୍ରମା କରୁଛି ।ପୁରୀ ଜିଲ୍ଲା ରେ ଏହି ସଂକଳ୍ପ ଯାତ୍ରା କୁ ଯେପରି ସଫଳ ଭାବେ ପରିଚାଳନା କରାଯିବ ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଉଦ୍ୟମ କରିବାକୁ ସେ କହିଥିଲେ ।ଅପରପକ୍ଷରେ କେନ୍ଦ୍ର ସରକାର ଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ର ତଦାରଖ ଲାଗି ଜିଲ୍ଲା ପାଇଁ ଯୁଗ୍ମ ସଚିବ ରାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ତେଣୁ ଏହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ ପ୍ରତ୍ୟେକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ପଞ୍ଚାୟତ,ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଜନ ସଚେତନତା ସୃଷ୍ଟି କରିବ ବୋଲି କହିଥିଲେ । ସଚେତନତା ରଥ ପ୍ରାୟ ୬୦ ଦିନ ଧରି ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବ ବୋଲି କହିଥିଲେ ।ଅତି ଶୀଘ୍ର ଜିଲ୍ଲାପାଳ ଙ୍କ ଅଧ୍ୟକ୍ଷତାରେ ଚୁଡାନ୍ତ ବୈଠକ ଆୟୋଜନ କରାଯାଇ କାର୍ଯ୍ୟକ୍ରମ ଓ ରୁଟ ପ୍ଲାନ ଚୁଡାନ୍ତ କରାଯିବ ବୋଲି ସେ ସୂଚନାଯୋଗ୍ୟ ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି, ଡ୍ରଡା ର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି ,ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ପ୍ରକଳ୍ପ ପରିଚାଳକ ତୃପ୍ତି ରାଣୀ ବଡ଼ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ବିଭାଗର ଜିଲ୍ଲା ଅଧିକାରୀ ବିଶ୍ୱନାଥ ପଣ୍ଡା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

# କରୁକୋଣ୍ଡା ଜଗନ୍ନାଥ ମନ୍ଦିର ପାଇଁ ଭୂମି ପୂଜା ଅନୁଷ୍ଠିତ

ମାଲକାନଗିରି, ୧୫/୧୧ (ନି.ପ୍ର): ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଗ୍ରାମ୍ୟ ବିକାଶରେ ନୂଆ ଅଧ୍ୟାୟ ଯୋଡିଛି । ଏହି ଯୋଜନା ଅଧୀନ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପ ଜରିଆରେ ପ୍ରତିଟି ଗ୍ରାମାଂଚଳ ଲୋକଙ୍କ ଜୀବନରେ ରୂପାନ୍ତରଣ ଆସିବ। ପ୍ରତିଟି ଗାଁ ବିକଶିତ ହେବ ସଶକ୍ତ ଓଡ଼ିଶାର ପ୍ରତିଛବି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କରିଥିବା ବେଳେ ଚଳିତ ମାସ ଲକ୍ଷ୍ମୀ ଯୋଜନାରେ ସମସ୍ତ ଗ୍ରାମ କୁ ଲକ୍ଷ୍ମୀବସ ଚଳାଚଳ କରିବା ଓ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ରେ ସମସ୍ତ ପଂଚାୟତ କୁ ୫୦ ଲକ୍ଷ ଟଙ୍କା ଅନୁଦାନ ମାଧ୍ୟମରେ ଖେଳ ,ରାସ୍ତା ଘାଟ ,ବିଦ୍ୟାଳୟ ର ଉନ୍ନତି କରଣ ,ଡିଜିଟାଲ ଭିତିଭୂମିର ଉନ୍ନତିକରଣ,ଜଗନ୍ନାଥ ସଂସ୍କୃତି ର ଉନ୍ନତି କରଣ ଓ ପ୍ରଚାର,ପ୍ରସାର ଭଳି ବିଭିନ୍ନ ଉନ୍ନତିକରଣ ଯୋଜନା କରିଛନ୍ତି । ଆଜି ମାଲକାନଗିରି ଜିଲ୍ଲା କରୁକୋଣ୍ଡା ବ୍ଲକ ର କରୁକୋଣ୍ଡା ଗ୍ରାମରେ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ଏକ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ମାଲକାନଗିରି ଜିଲ୍ଲା ଜନ ପ୍ରିୟ ନେତା,ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡକାମି ଯୋଗ ଦେଇ ଭୂମି ପୂଜନ କରିଛନ୍ତି । ଏଥିରେ କରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି ,କରୁକୋଣ୍ଡା ବ୍ଲକବିଜେଡି ସଭାପତି ସତ୍ୟ ପାଣିଗ୍ରାହୀ,କରୁକୋଣ୍ଡା ବିଡ଼ିଓ ଶିବପ୍ରସାଦ ପଟ୍ଟନାୟକ ପ୍ରମୁଖ ଙ୍କ ସହ ଜ୍ଲିଲ୍ଲା ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା,ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ,ଜ୍ଲିଲ୍ଲା ଆଇନ୍ ସାମ୍ମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା,ଯୁଗ୍ମ ସମ୍ପାଦକ ଉମା ଶ ଙ୍କର ସାହୁ,ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ,କିଶୋର ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ ।

## ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୧୫/୧୧ (ନି.ପ୍ର): ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ତରଫରୁ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବୁଦୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ତଥା ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଡାକ୍ତର ଧନେଶ୍ୱର ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମୁଖ୍ୟଅତିଥି, ଇଞ୍ଜିନିୟର ଜ୍ଞାନରଞ୍ଜନ ଦାସ, ଅଧ୍ୟକ୍ଷ ମାଲକାନଗିରି ବହୁବୃତ୍ତି ବୈଷୟିକ ଅନୁଷ୍ଠାନ ମୁଖ୍ୟବକ୍ତା, ଡାକ୍ତର ଦୁର୍ଗାପ୍ରସାଦ ରାଜ୍, ଏପିଲେ।ଜିଷ୍ଟ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବୁଦୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ବେହେରା ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମଂଚାସୀନ ଅତିଥିମାନେ ଉପସ୍ଥିତ ଛାତ୍ରୀ ଛାତ୍ର, ଗ୍ରାମବାସୀ, ମହିଳା, ସ୍ୱୟ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପରିବେଶର ସୁରକ୍ଷା ଓ ରୋଜଗାରକ୍ଷମ ହେବା ପାଇଁ କୁଶଳୀ ଶ୍ରମିକଙ୍କ ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ । ମଂଚାସୀନ ଅତିଥିମାନେ ଗ୍ରାମବାସୀମାନଙ୍କର ଜିଜ୍ଞାସାର ସନ୍ତୋଷଜନକ ଉତ୍ତର ଦେଇଥିଲେ । ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧାଂଶୁ ସ୍ୱତାର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହଲତା ନାଗ, ଦିପ୍ତିଭୋଇ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ଗୌଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

## ବିଷ ପିଇ ଜୀବନ ହାରିଲେ ଚାଷୀ

ବଲାଙ୍ଗିର, ୧୫/୧୧ (ନି.ପ୍ର): ପୁଣି ବିଷ ପିଇ ଜୀବନ ହାରିଲେ ଚାଷୀ । ଫସଲ ହାନୀ ଯୋଗୁ ଚାଷୀ ନେଲେ ଚରମ ନିଷ୍ପତ୍ତି । ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକର ବୁବେଲ ଗାଁର ଚାଷୀ ରମେଶ ଭୋଇ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଗତକାଲି ବିଲରେ ବିଷପାନ କରିଥିବା ବେଳେ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି । ଚଳିତ ବର୍ଷ ସେ ୧୦ ଏକର ଜମିରେ ଚାଷ କରିଥିଲେ । ଜମିରେ ଚକଡା ପୋକ ହୋଇ ୫ ଏକରରୁ ଅଧିକ ଜମିରେ ଫସଲ ନଷ୍ଟ ହୋଇଯାଇଥିଲା । ଧାର ଉଧାର କରି ଚାଷ କରିଥିବା ବେଳେ ଚିନ୍ତାଗସ୍ତ ହୋଇ ସେ ଜୀବନ ହାରିଛନ୍ତି ।

# କୃଷକ କଲ୍ୟାଣ ମଂଚ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, ୧୫/୧୧ (ନି.ପ୍ର): କୃଷକ କଲ୍ୟାଣ ମଂଚ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି । ମଂଚ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ କୋରାପୁଟ ଜିଲାପାଳ ଅବଦୁଲ ମଦମ୍ମଦ ଆକ୍ତର ଙ୍କୁ ୧୩ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଛି ଜିଲାରେ ନଭେମ୍ବର ମାସରେ ଧାନ ଅମଳ ସରିଯାଇଥିବାରୁ ଚାଷୀ ଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଧାନର ଅଭାବି ବିକ୍ରୀ ବନ୍ଦ କରିବା ସକାଶେ ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ନଭେମ୍ବର ୨୦ ତାରିଖରୁ ୩୦ ତାରିଖ ମଧ୍ୟରେ ଧାନ ମଣ୍ଡି ଆରମ୍ଭ କରିବା, ଚାଷୀଙ୍କୁ ମଣ୍ଡିରୁ ଧାନ ମିଲରଙ୍କ ପାଖରେ ପହଂଚିଲା ପରେ ମିଲର କଟନି ଛଟନି କରି ମିଲ ସ୍ଲିପ୍ ଦେଲାପରେ କ୍ରୟକାରି ସଂସ୍ଥା ମଣ୍ଡିରେ ଏଂଟ୍ରି ହେଉଛି । ଏପରିକି କେତେ ମିଲର ନିଜ ଇଛା ମୁତାବକ, ଦଲାଲ, ବେପାରୀ ଓ ଚାଷୀଙ୍କ ଧାନ ଉଠାଇଥାନ୍ତି । ଉକ୍ତ ପ୍ରଥା ବନ୍ଦ କରିବା ସହିତ ମିଲରଙ୍କ ଦୌରାତମ୍ୟ, କ୍ରୟକାରୀ ସଂସ୍ଥାର ମନମାନୀ, ପ୍ରଶାସନର ଅବହେଳା, ରାଜନେତାଙ୍କ ସ୍ଥାଣୁତା ଏହା ଚାଷୀଙ୍କ ପ୍ରତି ତାସ୍ଛଲ୍ୟ ଓ ବିଦ୍ରୁପ ବ୍ୟତୀତ । ଏଥି ପ୍ରତିଦୃଷ୍ଟି ଦେବାକୁ ଦାବି ହୋଇଛି । ଚାଷୀଙ୍କୁ ଏଫ.ଏ.କ୍ୟୁ ନାମରେ ଶୋଷଣ ବନ୍ଦ କରାଯିବା ସହିତ ଏମ.ଏସ.ପି, ଖାଲି ଅଖା, ପରବିହନ ଖର୍ଚ୍ଚ ଓ ହେଣ୍ଡଲିଂ ଚାର୍ଜେସ ଚାଷୀ କିପରି ପାଇବେ ଓ ଧାନ ବିକ୍ରିର ୨୪ ଘଂଟା ଭିତରେ ଚାଷୀଙ୍କ ପ୍ରାପ୍ୟ ପାଇବେ ସେଥି ପ୍ରତିଦୃଷ୍ଟି ଦେବାକୁ ଦାବି କରାଯାଇଛି । ଗତ ରବି ରୁତୁରେ ପ୍ରଶାସନକୁ ବାରମ୍ବାର ଆବଗତି କଲାପରେ ମଧ କୁନ୍ଦୁରା ଲ୍ୟାମ୍ପସ ଏମ.ଡିଙ୍କ ମନମୁଖି କାଯ୍ୟ ଯୋଗୁଁ ଧାନ ଏଂଟ୍ରଂ କଲା ପରେ ମଧ ଟି.ପି କଟାନଯିବାରୁ ୩ଟି ମଣ୍ଡିରେ ୧୦ ହଜାରରୁ ଉର୍ଦ୍ଧ କ୍ୱିଂଟାଲ ଧାନ ଚାଷ ବିକ୍ରୀ କରି ନପାରି ଅଭାବି ବିକ୍ରିର ଶିକାର ହେହେ । ଏଥି ସକାଶେ କୁନ୍ଦୁରା ଏମଡିଙ୍କ ଉପରେ ଦୃଢ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଜିଲାରେ ଥିବା ସମସ୍ତ ଗ୍ରାମ ପଂଚାୟତ ଅଂଚଳରେ ନୂତନ ମଣ୍ଡି ସ୍ଥାପନ କରାଯାଉ, ବଉମାନ୍ଦି ଜିଲାରେ ନୂତନ ରୁପେ ଗଠନ କରାଯାଉଥିବା ଲ୍ୟାମ୍ପ ଗୁଡିକ କାଯ୍ୟକ୍ଷମ କରାଯାଉ ଆବଷ୍ୟକ ଜମି ଓ ଭିତ୍ତି ଭୂମି ଯୋଗାଉ ଦିଆଯାଉ, ମଣ୍ଡିରୁ ଯେଉଁ ଦିବସରେ ଧାନ ଆସୁଛି ସେହି ଦିନ ହିଁ ଆଇ-ସ୍କେନ କରିବା ସହିତ ପଯ୍ୟପ୍ତ ଗାଡିର ବ୍ୟବସ୍ଥା କରାଯାଉ, ମଣ୍ଡିରୁ ଧାନ ଉଠାଇବା ସହିତ ଧାନ କ୍ରୟ କରାଯାଉ । ମଣ୍ଡିଗୁଡିକରେ ଫଲସ ଏଂଟ୍ରି ବନ୍ଦ କରାଯିବା ସିହତ ମ୍ଟିର ଭିଡିଓ ରେକଡିଂ କରାଯାଉ ଆଦି ଉଲ୍ଲେଖ କରାଯାଇଛି । ଉକ୍ତ ଦାବି ପତ୍ରର ନକଲ କୃଷି ମନ୍ତ୍ରୀ, ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ, ଜିଲାର ସମସ୍ତ ବିଧାୟକଙ୍କୁ ପ୍ରଦାନ କରାଯାଇଛି ।

# ଚଳିତ ଖରିଫ ବର୍ଷ ନିମନ୍ତେ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ

କେନ୍ଦ୍ରାପଡ଼ା, ୧୫/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିବା ସହ ଗତ ବର୍ଷର ବିବରଣୀ ପାଠ କରିଥିଲେ। ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ସ୍ୱଚ୍ଛ, ବଳିଷ୍ଠ ଓ ବିନା ବାଧା ବିଘ୍ନରେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ବେ ସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ ଚଳିତ ଖରିଫ୍ ବର୍ଷ ୨୦୨୩-୨୪ ନିମନ୍ତେ ନିଆଯାଇଥିବା ପଦକ୍ଷେପ ମାନ ବିଷୟରେ ଅବଗତ କରାଇବା ସହ ଚଳିତ ବର୍ଷ ସରକାର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୧୮୩ଙ୍କା ଏବଂ ଗ୍ରେଡ୍-ଏ ଧାନର ମୂଲ୍ୟ ଟ. ୨୨୦୩ ଙ୍କା ସ୍ଥିର କରିଥିବା ପ୍ରକାଶ କରିଥିଲେ । ଜିଲ୍ଲାରେ ୪୧୭୬୫ ଜଣ ପଞ୍ଜୀକୃତ ଚାଷୀଙ୍କ ଠାରୁ ୧୧୮ଟି ମଣ୍ଡି ଓ ୩୧ ଗୋଟି ମିଲ ମାଧ୍ୟମରେ ଉତ୍ପାଦିତ ଧାନ କ୍ରୟ କରାଯିବ। ବିକ୍ରୟର ୨୪ ରୁ ୪୮ ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ବିକ୍ରୟ ଅର୍ଥ ଜମା ହୋଇଯିବ ବୋଲି ଜଣାଇଥିଲେ। ଚଳିତ ବର୍ଷ ଚାଷୀମାନେ ଅଗ୍ରୀମ ଟୋକନ୍ ସଂପର୍କରେ ମୋବାଇଲ ଏସ୍.ଏମ୍.ଏସ୍ ଜରିଆରେ ସୂଚନା ପାଇ ପାରିବେ ଏବଂ ସମସ୍ତ ସୋସାଇଟି ମାନେ ନିଜ କାର୍ଯ୍ୟାଳୟ ଠାରେ ଟୋକନ ପାଇଥିବା ଚାଷୀ ମାନଙ୍କ ତାଲିକା ପ୍ରଦର୍ଶନ କରିବାକୁ ସୂଚନା ଦେଇଥିଲେ। ଅନ୍‌ଲାଇନ ରେଜିଷ୍ଟ୍ରେସନରେ ସ୍ୱଚ୍ଛତା, ଅଭାବୀ ବିକ୍ରୀ, ସମୟ ଅନୁଯାୟୀ ଧାନର ଉଠାଣ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଅଗ୍ରାଧିକାର ଓ କେନାଲ ଗୁଡିକରେ ପାଣି ଆସୁନଥିବା ଇତ୍ୟାଦି ଚାଷୀ ପ୍ରତିନିଧିଙ୍କ ପ୍ରଶ୍ନର ଉତରରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ପଣ୍ଡା ଉପସ୍ଥିତ ସଂପୃକ୍ତ ଅଧିକାରୀମାନଙ୍କୁ ସମସ୍ୟାଗୁଡିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ପ୍ରତିନିଧିମାନେ ୨୦୨୪ ଜାନୁଆରୀ ୫ ତାରିଖରୁ ଧାନ ମଣ୍ଡି ଖୋଲିବା ପାଇଁ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇ ଥିଲା। ଚଳିତବର୍ଷ ନିମନ୍ତେ ଗୋଟିଏ ଚାଷୀଠାରୁ ଏକ କାଳୀନ ସର୍ବାଧିକ ୫୦ କ୍ୱିଂଟାଲ ଧାନ ସଂଗ୍ରହ କରାଯିବା ସହ ସପ୍ତାହକୁ ୩ ଦିନ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଚାଷୀ ମାନେ ମଣ୍ଡିରେ ଧାନ ପହଁଚାଇବା ଆଦି ବ୍ୟବସ୍ଥା କରାଯାଇ ଥିବା ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ ଧାନର ଏଫ୍.ଏ.କ୍ୟୁ ମାନ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ଜଳ ସେଚନ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଏ.ଆର୍.ସି.ଏସ୍. ସନ୍ତୋଷ କୁମାର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀ, ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ, ସଂପାଦକ, ନିୟନ୍ତ୍ରିତ ବଜାର କମିଟି, ଚାଷୀ ପ୍ରତିନୀଧି ନୃସିଂହ ଚରଣ ସାମଲ, ବାବୁରାମ ନାୟକ, ହେମନ୍ତ କୁମାର କର, ମିଲର ସଂଘର ସଭାପତି ଧ୍ରୁବ ଚରଣ ସାହୁ, ସଂପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ଏବଂ ସମସ୍ତ ସହକାରୀ ଯୋଗାଣ ଅଧିକାରୀ ଓ ଯୋଗାଣ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ। ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ପରି ଶେଷରେ ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରିୱାର୍ଡ ପ୍ରକଳ୍ପର ଜିଲ୍ଲାସ୍ତରୀୟ ସହାୟକ ସଂସ୍ଥାର ପ୍ରାରମ୍ଭିକ କର୍ମଶାଳା ଆୟୋଜିତ

ଜୟପୁର , ୧୫/୧୧ (ନି.ପ୍ର): ଜୟପୁର ସ୍ଥିତ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ସମ୍ମୀଳନୀ କକ୍ଷଠାରେ ରିୱାର୍ଡ ପ୍ରକଳ୍ପର ଜିଲ୍ଲା ସ୍ତରୀୟ ସହାୟକ ସଂସ୍ଥା ଲାଇଫ୍ ଏକାଡେମି ଅଫ୍ ଭୋକେସନାଲ୍ ଷ୍ଟଡିଜ୍ (ଲାଭ୍ସ) ଏହାର ପ୍ରାରମ୍ଭିକ କର୍ମଶାଳା ଆୟୋଜନ କରିଥିଲା । ଏହି ପ୍ରକଳ୍ପ କୋରାପୁଟ ଜିଲ୍ଲାର ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଦାସ ମୁଖ୍ୟ ଅତିଥି ଭାବେ ପ୍ରଦୀପ ଜାଳି ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ରର ଡ. ପ୍ରମୋଦ କୁମାର ପଣ୍ଡା, ଭାରତୀୟ କୃଷି ଅନୁସନ୍ଧାନ, ସୁନାବେଡାର ପ୍ରୋଫ, ଡି. ରାମଜୟମ, କୋରାପୁଟ ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ରବିନାରାୟଣ ପଣ୍ଡା, କୋରାପୁଟ ଜିଲ୍ଲା ଉଦ୍ୟାନ ବିଭାଗର ଉପ-ନିର୍ଦ୍ଦେଶକ ଶ୍ରୀ ମହାନ୍ତ, କୃଷି ବିଭାଗ ପୂର୍ବତନ ଅଧିକାରୀ ଶ୍ରୀ ବଂଶିଧର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନରେ ଅଂଶ ନେବା ସହ ଏହି ପ୍ରକଳ୍ପର ଉଦ୍ଦେଶ୍ୟ, ଲକ୍ଷ ଓ ଆଭିମୁଖ୍ୟ, ହିତାଧିକାରୀ ମାନଙ୍କ ସହଭାଗିତା, ସମ୍ପୃକ୍ତ ବିଭାଗ ମାନଙ୍କ ସହଯୋଗିତା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସ୍ତରୀୟ ସହାୟକ ସଂସ୍ଥାର ମୁଖ୍ୟ ଦାୟିତ୍ୱ ତାଲିମ୍ ମାଧ୍ୟମରେ ସମସ୍ତ ଅଂଶଗ୍ରହଣକାରୀମାନଙ୍କ ଦକ୍ଷତା ବୃଦ୍ଧି ହୋଇଥିବାରୁ ଏହା କିପରି ସୂଚାରୁ ରୂପେ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଲାଭ୍ସ ତରଫରୁ ଏହାର ସଭାପତି ଶ୍ରୀ ଅକ୍ଷୟ ମହାପାତ୍ର, ନିର୍ଦ୍ଦେଶକ ଶ୍ରୀ ରାମେଶ୍ୱର ସାହୁ ତଥା ଅନ୍ୟ କେତକ କର୍ମକର୍ତ୍ତା ଯୋଗଦେଇ ସଭା କାର୍ଯ୍ୟ ତୁଲାଇଥିଲେ ଓ ସୁଶ୍ରୀ ସନ୍ଦିପା ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ବୁର୍ଲା ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ: ଖୋଲିଲା ବନ୍ଦୋବସ୍ତ କାର୍ଯ୍ୟାଳୟ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ସମ୍ବଲପୁର, ୧୫/୧୧ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ବୁର୍ଲା ସହରରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ ପରିପ୍ରେକ୍ଷୀରେ ଆଜି ଏକ ଖୁସି ଖବର ଆସିଛି ଓ ବୁର୍ଲା ଏନଏସି ପୁରାତନ କାର୍ଯ୍ୟାଳୟରେ ଆଜି ଠାରୁ ବିଧିବଦ୍ଧ ଭାବରେ ବନ୍ଦୋବସ୍ତ କାର୍ଯ୍ୟାଳୟ ଖୋଲିଛି ଓ ଅତିରିକ୍ତ ଜ୍ୱିଲ୍ଲାପାଳ ପ୍ରଦୀପ ସାହୁ, ସଦର ଉପ ଜ୍ୱିଲ୍ଲାପାଳ ପୁଷ୍ପାଞ୍ଜଳୀ ପଣ୍ଡା, ବନ୍ଦୋବସ୍ତ ଅଧିକାରୀ ସମୀକ୍ଷା ନାୟକ ପ୍ରମୁଖ ଏହି କାର୍ଯ୍ୟାଳୟ ଖୋଲିବା ସମୟରେ ଉପସ୍ଥିତ ଥିଲେ ଓ ଏଠାରେ ସୂଚନା ଯୋଗ୍ୟ ଯେ ବୁର୍ଲା ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ଗତ ମାସ ୧୯ ତାରିଖ ଦିନ ସମ୍ବଲପୁର ବିଜେଡିର ଏକ ପ୍ରତିନିଧି ଦଳଙ୍କ ସହିତ ବୁର୍ଲାର କ୍ଷତିଗ୍ରସ୍ତ ଦୋକାନୀ ଓ ସାଧାରଣ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇ ବୁର୍ଲାରେ ଜବରଦଖଲ ଉଚ୍ଛେଦ ଅଭିଯାନ ତୁରନ୍ତ ବନ୍ଦ କରିବା, କ୍ଷତିଗ୍ରସ୍ତ ଦୋକାନୀଙ୍କ ପାଇଁ ଶିଘ୍ର ଭେଣ୍ଡିଂ ଜୋନର ବ୍ୟବସ୍ଥା, କ୍ଷତିଗ୍ରସ୍ତ ଦୋକାନୀଙ୍କ ପାଇଁ କ୍ଷତିପୂରଣ ଓ ବୁର୍ଲାରେ ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ରହି ଆସୁଥିବା ଲୋକଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଆଦି ଦାବି କରିଥିଲେ ଓ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ୫ଟି ଅଧକ୍ଷ ଭି.କେ. ପାଣ୍ଡିଆନ ଭିଡିଓ କନଫରେନ୍ସ ଯୋଗେ ଏମାନଙ୍କ ସହିତ ଆଲୋଚନା କରିଥିଲେ ଓ ଏହି ଆଲୋଚନା ସମୟରେ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ଇଂ.ରୋହିତ ପୂଜାରୀ, ରାଜ୍ୟ ସାଧାରଣ ସଂପାଦକ ସିଦ୍ଧାର୍ଥ ଦାସ, ଦଳିୟ ମୁଖପାତ୍ର ସଂଜୟ ବାବୁ, କେନ୍ଦୁପତ୍ର କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତି, ଯୁବନେତା ବିଶାଲ ଦାସ, ଜ୍ୱିଲ୍ଲା ଉପ ସଭାପତି ଦେବାଶିଷ ନନ୍ଦ, ମହାନଗର ନିଗମ ସଭାପତି ସତୀଶ ବିଶି, ଉପ ସଭାପତି ସୁମନ୍ତ ପଣ୍ଡା, ଅଶୋକ ମହାକୁଡ଼, ଯୁବ ଜୋନ ସାଧାରଣ ସମ୍ପାଦକ ରମାକାନ୍ତ ସାହୁ, ଜ୍ୱିଲ୍ଲା ସମ୍ପାଦକ ତରଣୀ ସେନ ଚାନ୍ଦ, ଯୁବ ମହା ନଗର ସଭାପତି ନିଶାନ୍ତ ବହିଦାର, ଯୁବ ଉପ ସଭାପତି ଅମିତାଭ ପରିଡା, ଭୋଲା ମହତମ, ଲିଙ୍ଗରାଜ ପରିଡା, ବୁର୍ଲାର କ୍ଷତିଗ୍ରସ୍ତ ଦୋକାନୀ ଓ ସାଧାରଣ ଜନତା ପ୍ରମୁଖ ଉପସ୍ଥିତ ଥିଲେ ଓ ଏହା ଦ୍ୱାରା ବୁର୍ଲାବାସୀ ଙ୍କ ଦୀର୍ଘ ଦିନର ଜମି ଜମା ସଂକ୍ରାନ୍ତୀୟ ଅସୁବିଧା ଦୂର ହେବ ବୋଲି ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ଅଧକ୍ଷ ଭି. କେ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

# ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ବିଜେପିର ତହସିଲ କାର୍ଯ୍ୟାଳୟ ଘେରାଉ

ସମ୍ବଲପୁର, ୧୫/୧୧ (ନି.ପ୍ର): ସମ୍ବଲପୁର ପୌରାଂଚଳ, ବୁର୍ଲା ଏନ.ଏ.ସି ହୀରାକୁଦ ଏନ.ଏ.ସି ଓ ୧୨ ଗୋଟି ପଂଚାୟତକୁ ନେଇ ୨୦୧୩ ରେ ଘୋଷଣା ହେଲା ସମ୍ବଲପୁର ମହାନଗର ନିଗମ। ଦୀର୍ଘ ୧୦ ବର୍ଷ ପରେ ମଧ ସ୍ଥିତି ଯଥା ପୂର୍ବମ ତଥା ପରମ । ମହାନଗର ନିଗମ ଅଂଚଳବାସୀ ନା ପାଇଛନ୍ତି ନିର୍ବାଚିତ ପ୍ରତିନିଧି ନା ପାଉଛନ୍ତି ସର୍ବନିମ୍ନ ପୌର ସୁବିଧା। ପ୍ରସାନିକ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ସାଜିଛି ଦୁର୍ନୀତିର ଗନ୍ତାଘର। ଏମିତି ଅନେକ ସମସ୍ୟା ଘେରରେ ରହିଥିବା ସମ୍ବଲପୁର ମହାନଗର ନିଗମ ଅଂଚଳରେ ଏକ ଅଦ୍ଭୁତ ସମସ୍ୟାରେ ଛନ୍ଦି ହୋଇଛନ୍ତି ସାମିଲ ହୋଇଥିବା ୧୨ ଗୋଟି ପଂଚାୟତବାସୀ । ମହାନଗର ନିଗମ ରେ ଯୋଡି ହୋଇଥିବା ୧୨ ଗୋଟି ପଂଚାୟତ ବାସୀ ପୌର ସୁବିଧାରୁ ସମ୍ପୂର୍ଣ୍ଣ ବଂଚିତ ରହିଛନ୍ତି। ମହାନଗର ନିଗମ ବିଜ୍ଞପ୍ତି ପ୍ରକାଶ ପରେ ନା ପାଇଛନ୍ତି ଗ୍ରାମାଂଚଳର ସୁବିଧା ନା ପାଉଛନ୍ତି ପୌରାଂଚଳର ସୁବିଧା। ଏହାକୁ ନେଇ ବିଭିନ୍ନ ସମୟରେ ଅନେକ ଆନ୍ଦୋଳନ କଲାପରେ ମଧ କୁମ୍ଭକର୍ଣ୍ଣ ନିଦ୍ରାରେ ସୋଇଥିବା ପ୍ରଶାସନର ନିଦ୍ରା ଭଙ୍ଗ ହେଉ ନାହିଁ। ମହାନଗର ନିଗମ ଅଂଚଳବାସୀ ନା ପାଉଛନ୍ତି କେନ୍ଦ୍ରୀୟ ଯୋଜନାର ସୁଫଳ ନା ରାଜ୍ୟ ସରକାରଙ୍କ ଯୋଜନା ର ସୁଫଳ । ଏହି ମର୍ମରେ ରେ ଆଜି ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ମାନେଶ୍ୱର ବ୍ଲକ ଅନ୍ତର୍ଗତ ପୁରୁଣା ପାଂଚାଟି ପଂଚାୟତ ମାନେଶ୍ୱର, ଗୁଣ୍ଡେର୍ପୁର, ମଠପାଲି, ସିନ୍ଦୁର୍ପଙ୍କ, ଠେମରା ପଂଚାୟତର ଲୋକେ ଘେରିଥିଲେ ମାନେଶ୍ୱର ତହସିଲ କାର୍ଯ୍ୟାଳୟ। ଲେଙ୍ଗାଲି ବିଧାୟକ ନାଉରି ନାୟକଙ୍କ ନେତୃତ୍ୱରେ ପ୍ରାୟ ପାଂଚଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆଜି ତହସିଲ କାର୍ଯ୍ୟାଳୟ ଠାରେ ପହଂଚି ଧାରଣା ଦେଇଥିଲେ। ପରିସ୍ଥିତି ଅନାୟତ ହେବାରୁ ଶେଷରେ ତହସିଲର ଜ୍ୟୋତ୍ସ୍ନାମୟୀ ସାହୁ ଆସି ଆନ୍ଦୋଳନକାରୀ ଙ୍କ ସହ ଆଲୋଚନା କରିଥିଲେ। ସେ ଏହି ଦାବୀ କୁ ନେଇ ଉଚିତ୍ ପଦକ୍ଷେପ ଗ୍ରହଣ କରି ଯଥାଶିଘ୍ର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନରୁ ଓହରିଥିଲେ। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକଙ୍କୁ ପକ୍କା ଘର ଖଣ୍ଡିଏ ଦେବାପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଉଛନ୍ତି ହଜାର ହଜାର କୋଟି ଟଙ୍କାର ଅନୁଦାନ। କିନ୍ତୁ, ନିଷ୍କ୍ରିୟ ଅପାରଗ ସ୍ଥାଣୁ ପ୍ରଶାସନ ପାଇଁ ବର୍ଷ ବର୍ଷ ବିତିଗଲା ପରେ ମଧ ଗରିବ ପରିବାର ପାଇପାରୁ ନାହାଁନ୍ତି ଯୋଜନାର ସୁଫଳ। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗେଇ ଦେଉଛନ୍ତି କିନ୍ତୁ ରାଜ୍ୟ ସରକାର ଭୂମିହୀନଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ। ଜାଗ ମିଶନ ନାଁ ରେ ବିଜ୍ଞାପନ ଦେଇ କୋଟି କୋଟି ଟଙ୍କା ବର୍ବାଦ୍ କରି ସାଧାରଣ ଗରିବ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଆଜିର ଆନ୍ଦୋଳନରେ ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମିଣୀ ମହାନନ୍ଦ, ବ୍ଲକ ଉପାଧକ୍ଷ ନରେନ୍ଦ୍ର ମିଶ୍ର, ସାଂସଦ ପ୍ରତିନିଧି ରମେଶ ପ୍ରଧାନ, ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ସାହୁ, ଅନିଲ ବର୍ମା, ଭବାନୀ ସୋହେଲା, ମଂଟୁ ଅଗ୍ରୱାଲ, କିଶୋର ମହାକୁଡ, ସୁରେନ୍ଦ୍ର ପ୍ରଧାନ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ଥିଲେ ।

# ଓଡିଶା ପ୍ରଦେଶ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ବିଶ୍ୱକର୍ମା ଯୋଜନା ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା, ୧୫/୧୧ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ୩୧ ନଂ ଓ ୩୬ନଂ ଜୋନ ଅନ୍ତର୍ଗତ ସମସ୍ତ ପଂଚାୟତରେ ଓଡିଶା ପ୍ରଦେଶ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର ବିଶ୍ୱକର୍ମା ଯୋଜନା ଘରେ ଘରେ ପଂହଚାଇବା ପାଇଁ ଉଦ୍ୟମ ଜାରି ରହିଛି । ଏହି ଅବସରରେ ଓଡିଶା ପ୍ରଦେଶ ବିଜେପି ଓବିସି ମୋର୍ଚ୍ଚା ସମ୍ପାଦକ ବିବେକାନନ୍ଦ ଜେନାଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ଏହି ଜୋନ ଅନ୍ତର୍ଗତ ରସୁଲପୁର ବ୍ଲକର ଝାଲପଡା,ମଙ୍ଗରାଜପୁର ଓ ରାଉତରାପୁର ପଂଚାୟତରେ କୌଳିକବୃତିକୁ ଅବଲମ୍ବନ କରିବ ନିଜ ନିଜ ପରିବାର ଚଳାଉଥିବା ଜାଲ ବୁଣାକାର,କମାର ଓ କଂସାରୀ କାମରେ ନିୟୋଜିତ ଥିବା ଜନସାଧାରଣଙ୍କୁ ସାକ୍ଷାତ କରି ସେମାନେ କିପରିଭାବେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ଓ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇ ପାରିବେ ଏନେଇ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ଗଗନ ଘଡାଇ,ସୂର୍ଯ୍ୟକାନ୍ତ ମଲ୍ଲିକ,ପ୍ରଶାନ୍ତ ଦାସ,ଆଦିକନ୍ଦ ରାଉତ,କଳ୍ପତରୁ ସାହୁ,ଚିତ ରଂଜନ ଗନ୍ତାୟତ,ନିଶିକାନ୍ତ ବିଶ୍ୱାଳ,ଅଚ୍ୟୁତାନନ୍ଦ ମହାଲିକ ଓ ଦେବାଶିଷ ସିଅଙ୍କ ସମେତ ବରିଷ୍ଠ ବିଜେପି କର୍ମକର୍ତା ସାମିଲ ହୋଇ ଜନସାଧାରଣଙ୍କୁ ଏହି ଯୋଜନାର ସମ୍ପର୍କରେ ଅବଗତ କରାଇଥିଲେ ।

# କୃଷକ ସଭା ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ମରୁଡ଼ି ଘୋଷଣା ଦାବି

କେନ୍ଦ୍ରାପଡ଼ା, ୧୫/୧୧ (ନି.ପ୍ର): ଓଡିଶା କୃଷକ ସଭା(ଏ.ଆଇ.କେ.ଏସ୍) ଜିଲ୍ଲା କମିଟି କେନ୍ଦ୍ରାପଡା ତରଫରୁ ସମଗ୍ର ଜିଲ୍ଲାକୁ ମରୁଡି ଘୋଷଣା କରିବା ସହିତ ଚାଷୀଙ୍କୁ କ୍ଷତିଗସ୍ତ ଦେବାପାଇଁ କେନ୍ଦ୍ରାପଡା ଶାଖା କମିଟି ତରଫରୁ ଦାବି କରାଯାଇଛି । ଏକ ୪ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଜିଲ୍ଲା ସଭାପତି ଗୟାଧର ଧଳଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଏଥିରେ ଉମେଶ ଚନ୍ଦ୍ର ସିଂହ, ଦାଶରଥୀ ସାହୁ, ବିଜୟ ଦାସ, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ମରୁଡ଼ି ଘୋଷଣା କରିବା ସହିତ ଜିଲ୍ଲାର ସମସ୍ତ କେନାଲରେ ପର୍ଯ୍ୟାପ୍ତ ପରିମାଣରେ ଜଳ ଛଡ଼ାଯାଉ, କୁମ୍ଭୀର ଉପଦୃତ ସମସ୍ତ ନଦୀ ପାଖିଆ ଜମିମାନଙ୍କରେ ଚାଷୀଙ୍କୁ ସୁରକ୍ଷା ଦବାର ବ୍ୟବସ୍ଥା କରାଯାଉ, ଚାଷୀମାନଙ୍କୁ ଅଧା ଦାମ୍‌ରେ ପମ୍ପସେଟ୍ ଯୋଗାଇବା ସହିତ କୃଷି ଯନ୍ତ୍ରପାତି ଛାଡ଼ କରାଯାଉ।

# ଓଡ଼ିଶା ସାମ୍ବାଦିକ ସଂଘ ଓ ପାରାଦ୍ୱୀପ ପ୍ରେସ୍ ମିଡିଆ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ପାରାଦୀପ, ୧୬/୧୧ (ନି.ପ୍ର): ଓଡ଼ିଶା ସାମ୍ବାଦିକ ସଂଘ ପାରାଦୀପ ଶାଖା ଓ ପାରାଦୀପ ପ୍ରେସ ମିଡିଆ ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଓଡ଼ିଶା ସାମ୍ବାଦିକ ସଂଘ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁଙ୍କ ପୌରହିତରେ ମଧୁବନ ସ୍ଥିତ ଆମ୍ବେଦକର ଭବନ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । ପାରାଦୀପ ପ୍ରେସ୍ ମିଡିଆର ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସଂପାଦକ ବଟକୃଷ୍ଣ ଦାସ, ବରିଷ୍ଠ ସାମ୍ବାଦିକ ଚିତରଂଜନ ସ୍ୱାଇଁ, ଶରତ କୁମାର ରାଉତ, ହରିଷ୍ଚନ୍ଦ୍ର ଲେଙ୍କା, ଧ୍ରୁବ ଚରଣ ମହାପାତ୍ର, ସୁଦର୍ଶନ ବିଶ୍ୱାଳ, ବିରଜା ତ୍ରିପାଠୀ, ଅଜିତ୍ କୁମାର ଦାସ,



ମନୋଜ ସାହୁ, ମନୋଜ କୁମାର ଦାସ, ସୁରେନ୍ଦ୍ର କୁମାର ବିଶ୍ୱାଳ, ସୁମନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ଦାଶ, ପ୍ରଶାନ୍ତ କୁମାର ରାଉତ, ନିରଂଜନ ଆଚାର୍ଯ୍ୟ, ରାଜଦୀପ ବିଶ୍ୱାସ, ପୁରୁଷୋତମ ଶତପଥୀ, ବିରଜା କୁମାର ସେଠି, ଜଗନ୍ନାଥ ଶତପଥୀ, ସମୀର ମହାନ୍ତି ଙ୍କ ସମେତ ବିଭିନ୍ନ ଗଣମାଧମ ପ୍ରତିନିଧୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜିବୀ ଯୋଗଦେଇ ସାମ୍ବାଦିକ ମାନଙ୍କ କର୍ତବ୍ୟ ଓ କାର୍ଯ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ । ଏହାସହ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ସଭାରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଏଥିସହ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ଯେକୌଣସି ପରିସ୍ଥିତିରେ ନିଷ୍ଠାର ସହ କାର୍ଯ୍ୟ କରି ସାମ୍ବାଦିକତାର ମାନ ଅତୁଟ ରଖିବା ଏବଂ ସରକାର କାର୍ଯ୍ୟ କରୁଥିବା ସାମ୍ବାଦିକ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ମତ ପ୍ରକାଶ ପାଇଥିଲା ।

# ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ

ଖୋର୍ଦ୍ଧା, ୧୬/୧୧ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ପ୍ରଥମେ କ୍ଲବର ସଭାପତି ଶୁଭ୍ରାଂଶୁ ସାମନ୍ତରାୟଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥିଭାବେ ସଦର ଏସଡିପିଓ ଦିଲିପ କୁମାର ଦାସ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଡା. ହରପ୍ରସନ୍ନ ତ୍ରିପାଠୀ, ଡା. ବିଶ୍ୱନାଥ ପାଢୀ, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ ଯୋଗଦେଇ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଂଟନ କରିଥିଲେ । ଏଥିରେ ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ଥିବାବେଳେ ପରେ ସାମ୍ବାଦିକ ଭବନ ପରିସରରେ ଆୟୋଜିତ ସଭାରେ ସଭାପତି ଶ୍ରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଓୟୁଜେ ର ଜିଲ୍ଲାସଭାପତି ତପନ ନାୟକ, ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ର ଜିଲ୍ଲାସଭାପତି ପ୍ରକାଶ ହାତୀ, ଓୟୁଜେ ର ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭମୁଖୀ ଯୋଜନା ପ୍ରସାର ସହ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବାରେ ସାମ୍ବାଦିକ ମାନେ ସେତୁବନ୍ଧ ଭଳି କାର୍ଯ୍ୟ କରିଥାନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲଳିତ ମୋହନ ମହାପାତ୍ର, ଈଶ୍ୱରଚନ୍ଦ୍ର ମଙ୍ଗରାଜ, ସନ୍ତୋଷ ବାରିକ, ସଂଗ୍ରାମ ହୋତା, ରଞ୍ଜିତ କେ.ଏନ୍. ସାମନ୍ତରାୟ, ନାରାୟଣ ମହାନ୍ତି, ସୋମନାଥ ସାହୁ, ରାମନାରାୟଣ ଦାଶ, ପ୍ରବୀଣ ଭଞ୍ଜ, ଗୋପାଳକୃଷ୍ଣ ଦାସ, ସଏଦ ଅନସରଅଲ୍ଲୀ, ଲିୟାକତ ଅଲ୍ଲୀ, ମୁତାହର ୟୁସୁଫ, ପ୍ରଶାନ୍ତ ସାହୁ, ଆକାଶ ବିଶ୍ୱାଳ, ରାଜେଶ ମହାନ୍ତି, ଲୋହିତ ମହାପାତ୍ର, ତ୍ରିପତୀ ବାଲିଜି ପାତ୍ର, ଅୟସ ମହାନ୍ତି, ପ୍ରଦୀପ ବେହେରା, ଶୁଭଲକ୍ଷ୍ମୀ ସାମନ୍ତରା, ସଞ୍ଜୟ କର, ପ୍ରମୋଦ ମହାପାତ୍ର, ଲିପୁ ଷଡଙ୍ଗୀ, ଜିତେନ୍ଦ୍ର ମାନସିଂ, ମନୋରଞ୍ଜନ ପ୍ରଧାନ, ମନୋଜ ସାହୁ ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

## ସିଙ୍ଗୁରରେ ସଡକ ଦୁର୍ଘଟଣା: ୧୨ ଗୁରୁତର

ହୁଗୁଳି, ୧୬/୧୧ (ନି.ପ୍ର): ହୁଗୁଳି ଜିଲ୍ଲାର ସିଙ୍ଗୁରରେ ଦୁର୍ଘଟଣା । ଠିଆ ହୋଇଥିବା ଏକ ବସକୁ ଏକ ଟ୍ରକ ପଛପଟୁ ଧକ୍କା ଦେଇଛି । ଦୁର୍ଘଟଣାରେ ୧୨ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୦ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆହତଙ୍କୁ ଚିକିତ୍ସା ପାଇଁ ଶ୍ରୀରାମପୁର ୱାଲ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, କୋଲକାତା ଚିତପୁରର ନ୍ୟୁ ଦେବାଞ୍ଜଳି ଅପେରାର ସଦସ୍ୟମାନେ ବୁଧବାର ରାତିରେ ଖଣ୍ଡଘୋଷେ ଏକ କାର୍ଯ୍ୟକ୍ରମ ପରେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ନାମଖାନା ଅଂଚଳକୁ ଯାଉଥିଲେ । ବସଟି ଦୁର୍ଗାପୁର ଏକ୍ସପ୍ରେସ ୱେର ଖାସେରବେରୀ ଗାଁ ନିକଟରେ ଅଟକି ଥିବା ବେଳେ ପଛରୁ ଏକ ଟ୍ରକ ବସକୁ ଧକ୍କା ଦେଇଥିଲା । ଏହାପରେ ବସଟି ରେଲିଂ ଭାଙ୍ଗି ଏକ ଜଳାଶୟରେ ପଡିଥିଲା ।

# ମିଥିବାଇ କଲେଜର 'କ୍ଷିତିଜ ୨୦୨୩' ଅନୁଷ୍ଠିତ

ନୂଆଦିଲ୍ଲୀ, ୧୬/୧୧ : ମିଥିବାଇ କଲେଜର ଜୁହୁ ଜଗ୍ରିଟି ହଲରେ ରାଜନ ବତ୍ରା ଏବଂ ଶାଲମାଲି ଖୋଲଗେଡେଙ୍କ ସହଯୋଗରେ ମିଥିବାଇ କ୍ଷିତିଜ ବାକି ଗୀତ୍ ପ୍ରାକର ଆୟୋଜନ କରିଥିଲେ । ମଞ୍ଚ ସ୍ଥିର ହୋଇଥିଲା, ଆଲୋକ ଚମତ୍କାର ଥିଲା ଏବଂ ପାୱାରହାଉସ୍ ଯୋଡି ଶାଲମାଲି ଖୋଲଗେଡେ ଏବଂ ରାଜନ ବତ୍ରା ନଭେମ୍ବର ୧୬, ୨୦୨୩ ରେ ଜୁହୁ ଜାଗ୍ରତୀ ହଲରେ ସେମାନଙ୍କର ସର୍ବଶେଷ ହିଟ୍ "ବାକି" ର ଏକ ସ୍ମରଣୀୟ ପ୍ରଦର୍ଶନ ପରିବେଷଣ କରିଥିଲେ । ମିଥିବାଇ କଲେଜ ମ୍ୟୁଜିକାଲ୍ ମାଷ୍ଟରପ '' , 'ବାକି', ଯାହା ଚାର୍ଟରେ ରୋକ୍ ଲଗାଇଥିଲା, ସେ କ୍ଷୀତ୍ ମଞ୍ଚକୁ ନିଜର ଅନନ୍ୟ ପ୍ରତିଭା ଆଣିଥିବାରୁ ଏକ ନୂତନ ଜୀବନ ନେଇଥିଲା । ସେମାନଙ୍କର ବୈଦ୍ୟୁତିକଶକ୍ତି ଏବଂ ପ୍ରାଣକୃଷ୍ଣ ପ୍ରଦର୍ଶନ ଦର୍ଶକଙ୍କ ସହିତ ସମାନ ହୋଇ ଏକ ଇମର୍ସିଭ୍ ଅନୁଭୂତି ସୃଷ୍ଟି କରିଥିଲା ଯାହା ସମସ୍ତଙ୍କୁ ଭୟଭୀତ କରିଥିଲା । ଜନତା, ସଂଗୀତପ୍ରେମୀ, ଛାତ୍ର ଏବଂ ପ୍ରଶଂସକଙ୍କ ବିବିଧ ମିଶ୍ରଣ ସେମାନଙ୍କର ପ୍ରିୟ କଳାକାର ମାନଙ୍କ ପାଇଁ ଉତ୍ସାହର ସହିତ ଉତ୍ସାହିତ ହେଲା । ସେମାନେ ଉତ୍ସାହର ସହିତ ଦର୍ଶକଙ୍କ ସହ ଯୋଡି ହୋଇ ଏକ ଅବିସ୍ମରଣୀୟ ସଂଗୀତ ଯାତ୍ରା ସୃଷ୍ଟି କଲାବେଳେ ପରିବେଶ ଉତ୍ସାହରେ ପରିପୂର୍ଣ୍ଣ ହେଲା । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରିଶା ଠାକୁର ନିଜର ଉତ୍ସାହ ବ୍ୟକ୍ତ କରି କହିଛନ୍ତି, "କ୍ଷିତିଜ" ୨୩ ଏହାର ସମସ୍ତ ରୂପରେ ପ୍ରତିଭା ଏବଂ ସୃଜନଶୀଳତାକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛି ଏବଂ



ଆମ ମଞ୍ଚରେ ଶାଲମାଲି ଖୋଲଗଡେ ଏବଂ ରାଜନ ବତ୍ରା ରହିବା ଏହି ଦର୍ଶନର ଏକ ପ୍ରତୀକ ଅଟେ । । ସଙ୍ଗୀତ ଲୋକମାନଙ୍କ ପାଇଁ ଆଣିଥିବା ଅପାର ଆନନ୍ଦକୁ ଦେଖି ହୃଦୟସ୍ପର୍ଶୀ ହୋଇଥିଲା । " ଏହି କାର୍ଯ୍ୟକ୍ରମ, ଏହାର ମଜାଳିଆ ପରିବେଶ ଏବଂ ସଂକ୍ରାମକ ଶକ୍ତି ଦ୍ୱାରା ଚିହ୍ନିତ, ଏକ ଉଚ୍ଚ ନୋଟରେ ଟିମ୍ କିଶିଟିଜ୍ ଦ୍ୱାରା ଅତିଥିମାନଙ୍କୁ ଦିଆଯାଇଥିବା ଏକ ସ୍ମୃତି ସହିତ ସମାପ୍ତ ହୋଇଥିଲା । ଏକ ରାତିର ସଫଳତାକୁ ପ୍ରତିପାଦିତ କରି ଏକ ଛିଡା ହୋଇଥିବା ଆଭାସ ସହିତ ସନ୍ଧ୍ୟା ସମାପ୍ତ ହେଲା ଯାହା ଉପସ୍ଥିତ ସମସ୍ତଙ୍କ ସ୍ମୃତିରେ ଲିପିବଦ୍ଧ ହେବ ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଉରକେଲାରେ ଜାତୀୟ ପ୍ରେସ ଦିବସ ପାଳନ



ରାଉରକେଲା , ୧୬/୧୧ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଉରକେଲା ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳନ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ଅଧକ୍ଷତାରେ ଏହି ଅବସରରେ ଏକ ସଭା ପାନପୋଷ ଉପଖଣ୍ଡ କୃଷି ବିଭାଗ ସଭାଗୃହରେ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥିଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ ଯୋଗଦେଇ ଆଲୋଚନାର ପ୍ରସଙ୍ଗ 'କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧମ' ଶୀର୍ଷକ ଆଲୋଚନା କରିଥିଲେ । ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ସାମ୍ବାଦିକମାନଙ୍କ ଗୁରୁତ୍ୱ ଭୂମିକା ସମ୍ପର୍କରେ କହିବା ସହ ମଣିଷର ବୁଦ୍ଧିମତା ସର୍ବଦା ସର୍ବୋଚ୍ଚ ସ୍ଥାନରେ ରହିବ ଏବଂ କୃତ୍ରିମ ବୁଦ୍ଧିମତା ଏହାର ବିକଳ୍ପ ନୁହେଁ ବୋଲି କହିଥିଲେ । କୃତ୍ରିମ ବୁଦ୍ଧିମତାକୁ ସ୍ୱାସ୍ଥ୍ୟଗତ ସୁବିଧା ସହିତ ପ୍ରତିରକ୍ଷା କ୍ଷେତ୍ରରେ ବହୁଳ ବ୍ୟବହାର କରିବା ଆବଶ୍ୟକ ବୋଲି ସେ କହିଥିଲେ । ସମ୍ମାନିତ ଅତିଥିଭାବେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକ ଯୋଗଦେଇ ମଣିଷ ପ୍ରଯୁକ୍ତି ବିଦ୍ୟା ଓ ଯନ୍ତ୍ରର ଜନକ ହୋଇଥିବାରୁ ପ୍ରଯୁକ୍ତି ବିଦ୍ୟା ବା ଯନ୍ତ୍ର ମଣିଷର ନିୟନ୍ତ୍ରଣାଧୀନ ରହିବ ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ଜିଲ୍ଲା କୃଷି ଅଧିକାରୀ ପାନପୋଷ ରିଲିଜିଅସ୍ ବେକ୍ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ରହିଛି ବୋଲି କହିବା ସହ ଆବଶ୍ୟକତା ସମୟରେ ଏହାର ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିଲେ । ମହେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ରାଜା ମହାନ୍ତି, ସତ୍ୟାନନ୍ଦ ବେହେରା, କୁଞ୍ଜ ବିହାରୀ ରାଉତ, ଦେବବ୍ରତ ପଟ୍ଟନାୟକ ଓ ଚିତ୍ତରଞ୍ଜନ ରଞ୍ଜନ ବ୍ରହ୍ମାଙ୍କ ସମେତ ବିବେକାନନ୍ଦ ଦାସ ପ୍ରମୁଖ ଆଲୋଚ୍ୟ ବିଷୟ ପ୍ରସଙ୍ଗରେ ନିଜ ନିଜ ମତବ୍ୟକ୍ତ କରିଥିଲେ । ଏଥିରେ ବଣାଇଁ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପୁଷ୍ପାଜଂଳି ସାହୁ ସମେତ ରାଉରକେଲା ସହରର ବିଭିନ୍ନ ବର୍ଗର ସାମ୍ବାଦିକମାନେ ଯୋଗଦେଇଥିଲେ । ଶେଷରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଟନେଲ ଭିତରେ ୪୦ ...

ଉଦ୍ଧାର କାର୍ଯ୍ୟ ପାଇଁ ଥାଇଲ୍ୟାଣ୍ଡର ବିଶେଷଜ୍ଞମାନଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଉଛି । ଏସବୁ ଭିତରେ ଟନେଲ ଭିତରେ ଫସି ରହିଥିବା ଶ୍ରମିକଙ୍କ ପାଖରୁ ଆସିଛି ପ୍ରଥମ ବାର୍ତ୍ତା । ଫସିଥିବା ଶ୍ରମିକଙ୍କ ମଧ୍ୟରେ ରହିଥିବା ଧୀରେନ ଆଜି ପାଇପ ଯୋଗେ ତାଙ୍କ ପରିବାର ଲୋକଙ୍କ ସହ କଥା ହୋଇଛନ୍ତି । ସେ ଓ ଅନ୍ୟ ଶ୍ରମିକମାନେ ସୁସ୍ଥ ରହିଥିବା ସେ ସୂଚନା ଦେଇଛନ୍ତି । ଫସି ରହିଥିବା ୪୦ ଜଣ ଶ୍ରମିକଙ୍କ ମଧ୍ୟରେ ଓଡ଼ିଶାରୁ ୫ ଜଣ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଲେ ମୟୂରଭଞ୍ଜର ଧୀରେନ୍ ନାଏକ । ସେ ଆଜି ପ୍ରଥମଥର ପାଇଁ ଟନେଲ୍ ଭିତରୁ ପରିବାର ଲୋକଙ୍କ ପାଇଁ ବାର୍ତ୍ତା ପଠାଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ପାଇପର ବ୍ୟବସ୍ଥା କରାଯାଇଛି । ଉକ୍ତ ପାଇପ ଯୋଗେ ଧୀରେନ ସମ୍ପର୍କୀୟଙ୍କ ସହ କଥା ହୋଇଛନ୍ତି । ସେ କହିଛନ୍ତି, ଟନେଲ ଭିତରେ ଆମେ ପ୍ରାୟ ସମସ୍ତେ ଭଲ ଅଛୁ । ଅନ୍ୟ କିଛି ଲୋକଙ୍କ ଦେହ ସାମାନ୍ୟ ଖରାପ ରହିଛି । କେହି ବି ବ୍ୟସ୍ତ ହୁଅ ନାହିଁ । ସମସ୍ତେ ଧୈର୍ଯ୍ୟ ରଖ ବୋଲି ସେ ପାଇପ ଯୋଗେ ପରିବାର ଲୋକଙ୍କୁ କହିଛନ୍ତି । ଏହି ବାର୍ତ୍ତା ପରେ ପରିବାର ଲୋକ ସାମାନ୍ୟ ଆଶ୍ୱସ୍ତ ଅନୁଭବ କରିଛନ୍ତି । ତଥାପି ଯଥାଶୀଘ୍ର ସମସ୍ତଙ୍କୁ ଟନେଲ ଭିତରୁ ବାହାର କରିବାକୁ ଅନୁରୋଧ କରାଯାଇଛି । ସିଲ୍ ?କ୍ୟାରା ସୁଡ଼ଙ୍ଗ ଭିତରେ ଭୂସ୍ଖଳନ ହେବା ପରେ ମାଟି ଧସି ଥିଲା । ଫଳରେ ଏହା ଭିତରେ କାମ କରୁଥିବା ୪୦ ଶ୍ରମିକ ରବିବାର ଠାରୁ ଫସି ରହିଛନ୍ତି । ଏହି ଶ୍ରମିକଙ୍କୁ ବାହାରକୁ ବାହାର କରିବା ପାଇଁ ୫ ଦିନ ହେବ ବାୟୁସେନା ଓ ଏନ୍‌ଡିଆରଏଫ୍ ଟିମ୍ ଲାଗିପଡ଼ିଛନ୍ତି । ତଥାପି ସଫଳତା ମିଳିନାହିଁ ।

## ଆଜିଠୁ ଶ୍ରୀମନ୍ଦିର...

ହେଲେ ଉଚ୍ଚ ନ୍ୟାୟାଳୟ ଅସନ୍ତୋଷ ଝାଡ଼ି ସିଧା ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି । ତା'ସହ ଆଜିଠୁ କାମ ଆରମ୍ଭ କଲେ ଆମିକସକ୍ୟୁରୀ ତା'ର ତଦାରଖ କରି ପ୍ରତି ୧୫ ଦିନରେ କୋର୍ଟଙ୍କୁ ଷ୍ଟାଟସ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଅନ୍ୟପକ୍ଷରେ କୋର୍ଟଙ୍କ ନିର୍ଦ୍ଦେଶର ତୁରନ୍ତ ଅନୁପାଳନ ହେବ ବୋଲି କହିଛନ୍ତି ଏଏସଆଇ ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ୍ ଡି.ବି ଗଡ଼ନାୟକ । ସେ କହିଛନ୍ତି, ଆବଶ୍ୟକ ସୁବିଧା ଯୋଗାଇବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଛୁ । ନାଟମଣ୍ଡପ ମରାମତି ସଂପୂର୍ଣ୍ଣ ପାଇଁ ଦୈନିକ ୬ ଘଣ୍ଟା ଲେଖାଏଁ ୧୨୦ ଦିନ କାମ ଚାଲିବ ।

## ଦକ୍ଷିଣ ଆଫ୍ରିକାକୁ...

ଭାରତ ତୃତୀୟ ଥର ବିଶ୍ୱକପ୍ ଚାମ୍ପିଅନ ହେବା ପାଇଁ ଆଶା ରଖିଥିବା ବେଳେ ଅଷ୍ଟ୍ରେଲିଆ ୬ଷଷ୍ଠ ଥର ପାଇଁ ବିଜୟୀ ହୋଇ ଇତିହାସ ରଚିବା ଲକ୍ଷ୍ୟ ରଖିଛି । ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲ ମୁକାବିଲାରେ ୨୧୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଅଷ୍ଟ୍ରେଲିଆ ପାଳି ଆରମ୍ଭ କରିଥିଲା । କଙ୍ଗାରୁ ଦଳ ୪୭.୨ ଓଭରରେ ୭ଟି ୱିକେଟ୍ ହରାଇ ୨୧୫ ରନ୍ ସଂଗ୍ରହ କରିବା ସହିତ ସେମି ଫାଇନାଲ ମ୍ୟାଚ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି । ଟ୍ରେଭିସ୍ ହେଡ୍ ଓ ଡେଭିଡ ୱାର୍ଣ୍ଣର ପାଳି ଆରମ୍ଭ କରିଥିଲେ । ଉଭୟ ଖେଳାଳି ଦଳ ପାଇଁ ପ୍ରଥମ ୱିକେଟ୍‌ରେ ୬୦ ରନ୍ ଭାଗିଦାରୀ କରି ଦକ୍ଷିଣ ଆଫ୍ରିକାକୁ ନିରାଶ କରିଥିଲେ । କିନ୍ତୁ ଦକ୍ଷିଣ ଆଫ୍ରିକାର ବୋଲରମାନେ ନିରାଶ ହୋଇ ନଥିଲେ । କଙ୍ଗାରୁ ଦଳର ସ୍କୋର ୧୩୫ ବେଳକୁ ଆଗଧାଡ଼ିର ୫ ଜଣ ଖେଳାଳିଙ୍କୁ ପାଭିଲିଅନ୍ ପଠାଇ ସାରିଥିଲେ । କଟ୍‌ଜି ୧୯ ରନ୍ ?, କେଶବ ମହାରାଜ ୪ ରନ୍ କରି ଆଉଟ୍ ହୋଇଥିବା ବେଳେ କାଗିସୋ ରବାଡ଼ା ୧୦ ରନ୍ କରିଥିଲେ । ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ୍ସ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ । ଜୋସ୍ ହାଜେଲଉଡ ଟ୍ରେଭିସ୍ ହେଡ ଓ ଅଧିନାୟକ ପାଟ୍ କମିନ୍ସଙ୍କୁ ୨-୨ ୱିକେଟ୍ ମିଳିଥିଲା । ଏହି ମୁକାବିଲାରେ ଯେଉଁ ଦଳ ବିଜୟ ହାସଲ କରିବ ଆସନ୍ତା ୧୯ ତାରିଖ ଦିନ ଭାରତକୁ ଅହମଦାବାଦ୍‌ରେ ଭେଟିବ । ଚଳିତ ବିଶ୍ୱକପ୍‌ରେ ଏହି ୨ଟି ଗତ ଅକ୍ଟୋବର ୧୨ରେ ମୁହାଁମୁହିଁ ହୋଇଥିଲେ, ଯେଉଁଥିରେ କି ଅଷ୍ଟ୍ରେଲିଆକୁ ୧୩୪ ରନ୍‌ରେ ଦକ୍ଷିଣ ଆଫ୍ରିକା ଟିମ୍ ପରାସ୍ତ କରିଥିଲା ।

## ଓଡ଼ିଶା ସାମ୍ବାଦିକ ୟୁନିଅନ...

ବୋଲି ମତ ପ୍ରକାଶ ପାଇଥିଲା । ବିଭିନ୍ନ ରାଜ୍ୟରେ ବିଭିନ୍ନ ଆଳ ଦେଖାଇ ସାମ୍ବାଦିକ ମାନଙ୍କୁ ନିର୍ଯାତନା ଦିଆଯାଉଥିବା ସମ୍ପର୍କରେ ମଧ୍ୟ ଉଦବେଗ ପ୍ରକାଶ ପାଇଥିଲା ।ସରକାର ସାମ୍ବାଦିକ ମାନଙ୍କ ସମୂହ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଆଲୋଚନା କରାଯାଇଥିଲା । ଅନ୍ୟ ରାଜ୍ୟରେ ସାମ୍ବାଦିକ ମାନଙ୍କୁ ଆର୍ଥିକ ଅନୁଦାନ ବା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଓଡ଼ିଶା ସରକାର ଏହା ଦେବାକୁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା । ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ(୩ପି) ସୁରକ୍ଷା, ପେନସନ, ସମ୍ମାନ ପାଇଁ କରାଯାଇଥିବା ଦାବିକୁ ଅତିଥି ଓ ଉପସ୍ଥିତ ସାମ୍ବାଦିକ ମାନେ ସ୍ୱାଗତ କରିଥିଲେ । ଟାଉନ ସଂଯୋଜକ ହାଇଦର ଖାଁ ଅତିଥି ପରିଚୟ ଦେଇଥିବା ବେଳେ ତୃପ୍ତିକାନ୍ତ ପାଢ଼ୀ, ଅଜିତ କୁମାର ମହାନ୍ତି, ଅଧିପ ଜେନା, କହ୍ନେଇ ଚରଣ ପ୍ରଧାନ, କଳିଙ୍ଗ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପେଟ୍ରୋଲ-ଡିଜେଲ ମୂଲ୍ୟ ସ୍ଥିର, ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୧ଡଲାର

ନୂଆଦିଲ୍ଲୀ, ୧୬/୧୧ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅସ୍ଥିର ରହିଛି । ଗତ ୨୪ଗଣ୍ଟାରେ ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବୃଦ୍ଧି ପାଇଁ ୮୧ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୭ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ଗୁରୁବାର ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୬.୭୨ଟଙ୍କା ତିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୬.୩୧ଟଙ୍କା ଥିବା ବେଳେ ଡିଜେଲ ୯୪.୨୭ଟଙ୍କା ରହିଛି ।

# ସାମ୍ବାଦିକଙ୍କ ସାଧୁତା, ବ୍ୟକ୍ତିତ୍ୱ ଓ ମାନସିକତା ସୁସ୍ଥ ସମାଜ ଗଠନରେ ସହାୟକ ହୁଏ

ଜଳେଶ୍ୱର , ୧୬/୧୧ (ନି.ପ୍ର): ସାମ୍ବାଦିକ ମାନଙ୍କର ସାଧୁତା, ସ୍ୱଚ୍ଛ ବ୍ୟକ୍ତିତ୍ୱ ଓ ସୁସ୍ଥ ମାନସିକ ଏକ ସମାଜକୁ ଗଠନ କରିବାରେ ସହାୟକ ହୋଇଥାଏ । ଜଳେଶ୍ୱର ବ୍ଲକର ଭଂଜଶ୍ରୀ ଭବନ ପରିସରରେ ଆୟୋଜିତ ଉତ୍ତର ବାଲେଶ୍ୱର ସାମ୍ବାଦିକ ସଂଘର ପ୍ରେସ୍ ଦିବସ ପାଳନ ଅବସରରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆଜି ପୂର୍ବାହ୍ନରେ ଜାତୀୟ ପ୍ରେସ୍ ଦିବସ ଅବସରରେ ସ୍ୱତନ୍ତ୍ର ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇ ଗଣତାନ୍ତ୍ରୀକ ଭାରତରେ ପ୍ରେସ୍ ଏକ ସମ୍ମାନଜନକ ବ୍ୟବସ୍ଥା । ତଥାପି ତାହା ରାଜନିତୀ ମୁକ୍ତ ନୁହେଁ । କିନ୍ତୁ ଜଣେ ଆଦର୍ଶ ସାମ୍ବାଦିକ ଫେକ୍ ସମ୍ବାଦଠାରୁ ଦୂରରେ ରହି ଫଲ୍ଟ ଭିତ୍ତିକ ସମ୍ବାଦ ପରିବେଶଣ କରିଥାଏ ବୋଲି



କହିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ତହସିଲଦାର ସଂଜୟ କୁମାର ପଣ୍ଡା ଯୋଗ ଦେଇ ପ୍ରେସ୍ ସତ୍ୟ ଓ ନିରପେକ୍ଷ ହେବା ଉଚିତ ବୋଲି କରିଥିଲେ । ମୁଖ୍ୟବକ୍ତାଭାବେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଯୋଗ ଦେଇ ସାମ୍ବାଦିକର ବ୍ୟକ୍ତିତ୍ୟ, ସାଧୁତା ଓ ମାନସିକତା ସ୍ୱଚ୍ଛ ରହିଲେ ଏକ ସୁସ୍ଥ ସମାଜ ଗଠନ ସହିତ ରାଷ୍ଟ୍ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନୀକ ଅଧିକାରୀ ଶରତଚନ୍ଦ୍ର ପରିଡା, ଓଷ୍ଟାର ସଂପାଦକ ଡ. ଅଜିତ୍ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ଅଂଚଳରୁ ଆସିଥିବା ସାମ୍ବାଦିକମାନେ ଏଥିରେ ନିଜ ନିଜର ମତବ୍ୟକ୍ତି କରି ସାମ୍ପ୍ରତିକ ସମାଜରେ ପ୍ରଶାସନୀକ ଓ ରାଜନୈତିକ ଦଳର ଲୋକଙ୍କ ସାମ୍ବାଦିକ ମାନଙ୍କ ପ୍ରତି ଆକ୍ରୋଶ ବୃଦ୍ଧି ହେଉଥିବା ସଂପର୍କରେ କହିଥିଲେ । ସାମ୍ବାଦିକ ଅବନୀ ଚାନ୍ଦ ସଭାପତିତ୍ୱ କରିଥିବା ବେଳେ ସଂପାଦକ ପତିତପାବନ ପ୍ରଧାନ ଏପରି ଉତ୍ସବ ପାଳନର ଯଥାର୍ଥତା ଓ ଧନ୍ୟବାଦ ଅର୍ପଣ କରିଥିଲେ । ସୁକୁମାର ରଣା ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ଏଥିରେ ବହୁ ସାମ୍ବାଦିକ ଓ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାସୁଦେବପୁର ପ୍ରେସକ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ

ବାସୁଦେବପୁର, ୧୬/୧୧ (ନି.ପ୍ର): ବାସୁଦେବପୁର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ କ୍ଲବ ପରିସରରେ ପାଳିତ ହୋଇଯାଇଛି । ଏହି ଦିବସରେ ପ୍ରେସ କ୍ଲବ ସଭାପତି ରମାକାନ୍ତ ବାରିକ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଂଜୀବ କୁମାର ସାହୁ, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ, କ୍ଲବର ଆଇନ ପରାମର୍ଶଦାତା ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଏହି ଦିବସରେ ଅତିଥି ଭାବେ ଯୋଗ ଦେଇ ଜାତୀୟ ପ୍ରେସ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବର୍ତମାନ ଆମର ସାମ୍ବାଦିକ ବନ୍ଧୁମାନେ ଅନେକ ସମସ୍ୟା ଓ ଝଡ଼ ଝଞ୍ଜା ମଧ୍ୟରେ ସମାଜ ପାଇଁ କାର୍ଯ୍ୟ କରୁଛନ୍ତି । ଏହି ସାମ୍ବାଦିକ ମାନଙ୍କ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ବୀମା ସହିତ ଦରମା ଓ ଭତ୍ତା ପ୍ରଦାନ କରିବା ଆବଶ୍ୟକ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ସାମ୍ବାଦିକ ବୈଲୋଚନ ସାହୁ, ଗୌତମ ଦେ, ଦେବାଶିଷ ମହାନ୍ତି, ସତ୍ୟକାନ୍ତ ନାୟକ, ସୁର୍ଯ୍ୟୋଦୟ ବିଶ୍ୱାଳ, ପ୍ରଶାନ୍ତ



ଦାସ, ତୁଳସୀ କଲ୍ୟାଣ ବେହେରା, ଶ୍ରୀକାନ୍ତ ମହାପାତ୍ର, ରଞ୍ଜନ ନାୟକ, ଲକ୍ଷ୍ମୀକାନ୍ତ ନାଥ, ମହେଶ୍ୱର ଧଳ, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ଅମର ନାରାୟଣ ମହାନ୍ତି ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ସାମ୍ବାଦିକ ସତ୍ୟ ସୁନ୍ଦର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋହିରା ଶ୍ୟାମାକାଳୀ ପୂଜାର ପ୍ରତିଷ୍ଠାତା ସଦସ୍ୟଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ସଭା

ନୀଳଗିରି, ୧୬/୧୧ (ନି.ପ୍ର): ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତ ଗୋହିରା ଠାରେ ମା ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଦୀର୍ଘ ୪୩ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଧୁମ୍ ଧାମରେ ପାଳିତ ହେଉଛି। ଏହି ଉପଲକ୍ଷେ ଉକ୍ତ ପୂଜା ଅନୁଷ୍ଠାନକୁ ବହୁ ବାଧାବିଘ୍ନରେ ପ୍ରତିଷ୍ଠା କରିଥିବା କିଛି ସଦସ୍ୟ ଇହଲିଳା ସମ୍ବରଣ କରିସାରିଲେଣି। ସେମାନଙ୍କ ଉଦ୍ଦେଶ୍ୟରେ ଗୁରୁବାର ଗୋହିରା ଶ୍ୟାମାକାଳୀ ପୂଜାମଣ୍ଡପ ନିକଟରେ ସ୍ୱର୍ଗତ ପ୍ରତିଷ୍ଠାତା ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠାତା ସଦସ୍ୟ ମାନେ ହେଲେ ସ୍ୱର୍ଗତ ଶ୍ରୀବତ୍ସ ନାୟକ, ଭୋଳାନାଥ ମିଶ୍ର, ହରିନାରାୟଣ ଜେନା, ରଘୁନାଥ ସେଠୀ, ଜ୍ୟୋତିପ୍ରକାଶ ନାୟକ। ଉପରୋକ୍ତ ଦିବଂଗତ ସଦସ୍ୟ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଚେଷ୍ଟା ଫଳରେ ଏତେବଡ ଅନୁଷ୍ଠାନ ଗଢି ଉଠିଛି ବୋଲି ବର୍ତ୍ତମାନର ସଦସ୍ୟ ମାନେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଶ୍ରଦ୍ଧାଞ୍ଜଳୀ ସଭାରେ ମତ ରଖିଥିଲେ। ଉକ୍ତ ସଭାରେ ସୁରେଶ ଚନ୍ଦ୍ର ଶଙ୍ଖୁଆ, ରବୀନ୍ଦ୍ର ରାଉତ, ଅମରେନ୍ଦ୍ର ନାୟକ, ଗୋପାଳକୃଷ୍ଣ ନାୟକ ମାନବେନ୍ଦ୍ର ନାୟକ, ଅମର ଦାସ, କପିଳେନ୍ଦ୍ର ପ୍ରଧାନ, ଜୟଗୋପାଳ ବାଗ, ଶ୍ରୀକାନ୍ତ ମିଶ୍ର, ହେମନ୍ତ ମିଶ୍ର, ଚତୁର୍ଭୁଜ ବାଗ, ସେରାଲ ବାସ୍କେ, ରାଜେଶ ଚଣ୍ଡ, ରାଜେଶ ଚଣ୍ଡ, ଦିପ୍ତେଶ ଜେନା, ମାୟାଧର ଶଙ୍ଖୁଆ, ମନୋଜ ଜେନା, ଚନ୍ଦନ ଜେନା, ପ୍ରଦୀପ ବାଗ, ନିହାର ବାଗ, ସବ୍ୟସାଚୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମା ମାନଙ୍କର ସଦଗତି କାମନା କରିବା ସହ ସ୍ମୃତି ଚାରଣ କରିଥିଲେ।




## ଜିଲ୍ଲାସ୍ତରୀୟ 'ଜାତୀୟ ପ୍ରେସ ଦିବସ- ୨୦୨୩' ଅନୁଷ୍ଠିତ



ବାଲେଶ୍ୱର, ୧୬/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ସଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ 'ଜାତୀୟ ପ୍ରେସ ଦିବସ- ୨୦୨୩' ପାଳିତ ହୋଇଯାଇଛି । ପୂର୍ବାହ୍ନ ପ୍ରାୟ ଘ ୧୦.୩୦ମି ସମୟରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ "କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ" ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଜାତୀୟ ପ୍ରେସ ଦିବସ ପାଳନର ଆଭିମୁଖ୍ୟ ଏବଂ ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହା ପରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ଦିବଙ୍ଗତ ସାମ୍ବାଦିକ ଶ୍ରୀ ସତ୍ୟପ୍ରିୟ ମହାନ୍ତି, ଶ୍ରୀ ରାଧାକୃଷ୍ଣ ସାହୁ, ଶ୍ରୀ ଧୀରେନ ଚନ୍ଦ୍ର ବେହେରା, ଶ୍ରୀ ବ୍ରଜ କିଶୋର ଜେନାଙ୍କ ସମେତ ଜିଲ୍ଲା, ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରେ ପ୍ରାଣ ହରାଇଥିବା କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଥିବା ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପ୍ରକାଶ କରିଥିଲେ । ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକରି ପ୍ରଶାସନକୁ ନିଜ ଦାୟିତ୍ୱ ନିର୍ବାହ ଲାଗି ଯେଭଳି ସଚେତନ କରାଇଥାଏ ତାହାର ସେ ଉଚ୍ଚ ପ୍ରଶଂସା କରିଥିଲେ । ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପାଇଁ ଆଗେଇ ଆସିଥିବା ଜିଲ୍ଲାର ସାମ୍ବାଦିକମାନଙ୍କର ଅକ୍ଲାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ଏବଂ ସଠିକ ସାମ୍ବାଦିକତାର ଉଦାହରଣ ସାରା ଦେଶ ସାମ୍ନାରେ ରଖିଥିବା ପାଇଁ ଜିଲ୍ଲାପାଳ ତାଙ୍କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟ ବକ୍ତା ଭାବେ ଫକୀରମୋହନ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସନ୍ତୋଷ କୁମାର ନାୟକ ଯୋଗ ଦେଇ ଗଣମାଧ୍ୟମର ଗଠନମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହିତ ଡିଜିଟାଲ ଯୁଗରେ ଗଣମାଧ୍ୟମର ଦାୟିତ୍ୱ କିଭଳି ବହୁଗୁଣ ବଢିଯାଇଛି ତାହା ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ । ତତ୍ସହିତ ସମଗ୍ର ମାନବିକତାର ସେବାରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରିବା ଦିଗରେ କିଭଳି ଭାବରେ ଗଣମାଧ୍ୟମର ପ୍ରାସଙ୍ଗିକତା ରହିଛି ସେଥିପ୍ରତି ମୁଖ୍ୟ ବକ୍ତା ସଭାରେ ସବିଶେଷ ବ୍ୟାଖ୍ୟା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ମାନନୀୟ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଯୋଗ ଦେଇ ସାମ୍ବାଦିକଙ୍କ ବୃତିଗତ ଓ ସାମାଜିକ ସୁରକ୍ଷା ତଥା ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଗଣମାଧ୍ୟମ ଯେଉଁଭଳି ନିଜ ଦାୟିତ୍ୱ ନିର୍ବାହ କରି ଜିଲ୍ଲା ପ୍ରଶାସନକୁ ସବୁ କ୍ଷେତ୍ରରେ ନିରନ୍ତର ସହଯୋଗ କରିଆସୁଛନ୍ତି ସେଥି ନିମନ୍ତେ ସେମାନଙ୍କର ଭୁରି ଭୁରି ପ୍ରଶଂସା କରିଥିଲେ। ଏହି ସମାରୋହରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ସାମ୍ବାଦିକ ଶ୍ରୀ ଅଜିତ କୁମାର ମହାନ୍ତି (ଆମ ନ୍ୟୁଜ) ଏବଂ ଫଟୋ ସାମ୍ବାଦିକ ଶ୍ରୀ ମନୋଜ କୁମାର ବିଶ୍ୱାଳ (ସମ୍ବାଦ) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସାମ୍ବାଦିକ ଶ୍ରୀ ମାନସ ବିଶ୍ୱାଳ, ଶ୍ରୀ ଶିବଦାସ କୁଣ୍ଡୁ, ଶ୍ରୀ ବିପ୍ଳବ ମହାନ୍ତି ଓ ଶ୍ରୀ ଉବାଚକ ମହାନ୍ତି ପ୍ରମୁଖ ସାମ୍ପ୍ରତିକ ଗଣମାଧ୍ୟମର ସ୍ଥିତି, କୃତ୍ରିମ ବୁଦ୍ଧିମତାର ସଠିକ ଉପଯୋଗୀତା, ଆହ୍ୱାନ ଏବଂ ସମସ୍ୟା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିଭାଗୀୟ ଅଧିକାରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ପାରାଦୀପରେ ଜାତୀୟ ପ୍ରେସ୍ ଦିବସ ପାଳିତ



ପାରାଦୀପ, ୧୬/୧୧ (ନି.ପ୍ର): ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ପୌରପାଳିକା କାର୍ଯ୍ୟାଳୟ ପଛ ପାଖ ରାସ୍ତାକଡରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ରାଜ୍ୟ ଜଙ୍ଗଲ ଉନ୍ନୟନ କର୍ପୋରେସନ ସହାୟତାରେ କାର୍ଯ୍ୟରତ ସାମ୍ବାଦିକମାନେ ବିଭିନ୍ନ ଫଳଗଛମାନ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସନ୍ଦୀପ କୁମାର ଲେଙ୍କା, ସ୍ୱାଧୀନଚେତା ଦାସମହାପାତ୍ର, ରାକେଶ କୁମାର ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, ପୁରୁଷୋତ୍ତମ ଶତପଥୀ, ପ୍ରଭାକର ସାହୁ, କୁଳମଣୀ ଲେଙ୍କାଙ୍କ ସମେତ ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବିନ୍ଦ୍ର କୁମାର ଜେନା, ଜିଲ୍ଲା ସଭାପତି ରତ୍ନାକର ସ୍ୱାଇଁ, ସମ୍ପାଦକ ସୁଧାଂଶୁ ନାୟକ,କୋଷାଧକ୍ଷ ସନ୍ତୋଷ କୁମାର ଭାରତୀଙ୍କ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକ ଯୋଗ ଦେଇ ଆଗାମୀ ଭବିଷ୍ୟତ ତଥା ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିଥିଲେ।

## ଜାମଶୂଳୀଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର



ବସ୍ତା, ୧୬।୧୧(ନି ପ୍ର) :ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ସିଂଲା ଥାନା ଅନ୍ତର୍ଗତ ଜାମଶୁଳୀ ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମୃତ ଓ ଜଣେ ଗୁରୁତର ହୋଇଥିବା ଜଣାଯାଇଛି ।ସୂଚନା ଅନୁଯାୟୀ ବୁଧବାର ବିଳମ୍ବିତ ରାତି ରେ ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡା ଗ୍ରାମର ନାଲୁ ମୁର୍ମୁ ଏବଂ ତାଙ୍କ ର ସମ୍ପର୍କୀୟ ଭାଇ ରାସଗୋବିନ୍ଦପୁର ଥାନା ପାରୁଳିଆ ଗ୍ରାମର ସାରୁ ହାଁସଦା ସିଂଲା ଗାଁର ବନ୍ଧୁ ଘରୁ କାମସାରି ସାଇକେଲ ରେ ଘରକୁ ଫେରୁଥିବା ବେଳେ ବସ୍ତା - ବାଲିଆପାଳ ମୁଖ୍ୟ ରାସ୍ତା ର ଜାମଶୁଳୀ ଛକ ନିକଟରେ ଅଜଣା ଗାଡି ସେମାନଙ୍କ ସାଇକେଲ କୁ ଧକ୍କା ଦେଇ ଚମ୍ପଟ ମାରି ଥିଲା। ଘଟଣା ସ୍ଥଳରେ ସାରୁ ର ମୃତ୍ୟୁ ହୋଇଥିବା ବେଳେ ନାଲୁକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁଟୁରା ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ଭଜହରି ପରିଡ଼ା ବସ୍ତା ହସ୍ପିଟାଲ ରେ ଭର୍ତ୍ତି କରାଇବା ସହିତ ସିଂଲା ଥାନା କୁ ଖବର ଦେଇଥିଲେ ।ଖବର ପାଇ ଥାନା ଅଧିକାରୀ ଭୂବନ ମୋହନ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେଶ ନଂ-୨୩୦/୨୩ ମୂଳେ ଏକ ମାମଲା ରୁଜ୍ଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ମୃତ ଚାଷୀଙ୍କ ପରିବାରକୁ ସହାୟତା ଦିଅନ୍ତୁ ସରକାର : ମୋ ଦଳ

ଭୁବନେଶ୍ୱର, ୧୬/୧୧ (ନି.ପ୍ର):ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବିଶେଷ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ଆଜି ତାରିଖରେ ଚାଷୀ ବଢ଼ି ମରୁଡ଼ିରେ ପେଷି ହେବା କେତେ ଦୁଃଖଦାୟକ ଏ କଥା ନବୀନ ସରକାରର ମନ୍ତ୍ରୀ ବିଧାୟକମାନେ ଲଜ୍ଜ୍ୟାର ସହ ଚିନ୍ତା କରିବା କଥା। ବଲାଙ୍ଗୀର ଜିଲ୍ଲା, ପୁଇଁତଲା ବ୍ଲକ୍, କୁବେଲ ପଂଚାୟତ, ବୁବେଲ ଗ୍ରାମର ରମେଶ ଭୋଇ ରୋଗ ପୋକ ଋଣ ଚାପ ଓ ମରୁଡ଼ି ପାଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଜମିରେ ପାଣି ଥିଲେ ଏବଂ ରୋଗ ପୋକ ପ୍ରତିକାର ପୂର୍ବରୁ ହୋଇଥିଲେ ଫସଲ ବଂଚିଥାନ୍ତା ବୋଲି କୃଷି ଅଧିକାରୀ କହୁଛନ୍ତି। ବର୍ଷ ବର୍ଷ ଧରି ଜଳ ସେଚନ ବିଭାଗ ଦାୟିତ୍ୱରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ରହି ଏପର୍ଯ୍ୟନ୍ତ ସବୁ ଅଣ ଜଳସେଚିତ ଜମି ଜଳସେଚିତ ହୋଇ ନପାରିଥିବାରୁ ବସ୍ତୁତ ମୁଖ୍ୟମନ୍ତ୍ରୀ ଏହି ଆତ୍ମହତ୍ୟା ପାଇଁ ଦାୟୀ। ବର୍ତମାନ ପରିସ୍ଥିତିରେ ସରକାର ତୁରନ୍ତ କ୍ୟାବିନେଟ ବୈଠକ ଡକାଇ ଯୁଦ୍ଧକାଳୀନ ଭିତିରେ ମରୁଡ଼ି ମୁକାବିଲା ପାଇଁ ଉଦ୍ୟମ ସହ ମରୁଡ଼ି ପର ସ୍ଥିତିରେ ଚାଷୀଙ୍କ ସହ ସରକାର ଠିଆ ହେବେ ବୋଲି ଘୋଷଣା କରି ଚାଷୀଙ୍କ ଜୀବନ ବଂଚାନ୍ତୁ । ଏହାସହ ଆତ୍ମହତ୍ୟା କରିଥିବା ରଣପୁର, ଧର୍ମଶାଳା ଓ ବଲାଙ୍ଗୀରର ଚାଷୀ ପରିବାରକୁ ସର୍ବନିମ୍ନ ୧୦ ଲକ୍ଷ ଟଙ୍କା ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୋ ଦଳ ପ୍ରଚାର କମିଟି ଅଧକ୍ଷ ଓ ମୁଖପାତ୍ର ଶେଷଦେବ ନନ୍ଦ ଦାବି ଜଣାଇଛନ୍ତି।

## ଜିମ୍‌କୁ ଯିବାବେଳେ ଚଢିଗଲା ଟ୍ରକ୍: ଚାଲିଗଲା ମହିଳାଙ୍କ ଜୀବନ

ପାରାଦୀପ, ୧୬/୧୧ (ନି.ପ୍ର): ପାରାଦୀପ ଲକ୍ ଥାନା ଠାରୁ ଅନତି ଦୂରରେ ଏକ ଆଇରନ୍ ବୋଝେଇ ଟ୍ରକ୍ ଚଢି ଯିବାରୁ ଜିମ୍ ଯାଉଥିବା ଜନୈକାଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶଯେ, ପାରାଦୀପ ଗଡ ନିକଟସ୍ଥ ଚୂନବେଲାରୀ ଗ୍ରାମରେ ରହୁଥିବା ଦିପ୍ତିରାଣୀ ବଳିୟାରସିଂ ଗୁରୁବାର ସକାଳେ ନିଜ ଘରୁ ବାହାରି ଜିମ୍‌କୁ ଯାଉଥିବା ବେଳେ ପାରାଦୀପ ଲକ୍ ଥାନାର ଅନତି ଦୂରେ ଏକ ଦୃତଗାମୀ ଆଇରନ୍ ବୋଝେଇ ଟ୍ରକ୍ ତାଙ୍କ ଉପରେ ଚଢି ଯାଇଥିଲା । ଘୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ଦିପ୍ତିରାଣୀଙ୍କୁ ମୃତ ଘୋଷଣା କରିଥିଲେ । ଦୂର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିପ୍ତିରାଣୀଙ୍କ ଘର ଯାଜପୁର ଅଂଚଳରେ ବୋଲି ଜଣାପଡିଛି । ଦୂର୍ଘଟଣା ଘଟାଇବା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ପ୍ରତିଦିନ ହଜାର ହଜାର ଆଇରନ୍ ବୋଝେଇ ଟ୍ରକ୍ ପାରାଦୀପ ବନ୍ଦରକୁ ଖଲାସ କରିବା ପାଇଁ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଟ୍ରକ୍ ଧାଡି ଭାଙ୍ଗି ଆସୁଥିବାରୁ ଦୂର୍ଘଟଣା ଘଟୁଛି। ପାରାଦୀପ ଆଦର୍ଶ ଥାନା ପୋଲିସ୍, ଲକ୍ ପୋଲିସ୍ ଧାଡି ଭାଙ୍ଗି ଆସୁଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲେବି ସ୍ଥିତିରେ କୌଣସି ପରିବର୍ତ୍ତନ ଆସୁନାହିଁ। ଯାହାର ଫଳ ସାଧାରଣ ଲୋକମାନଙ୍କୁ ଭୋଗିବାକୁ ପଡୁଛି ।

## ଚାକିରି ଓ ଶିକ୍ଷାକ୍ଷେତ୍ରରେ ଜାତିଭିତିକ ସଂରକ୍ଷଣ ବ୍ୟବସ୍ଥା ବନ୍ଦକର : ସାଲାଏ ମାର୍ଣ୍ଡି

ଉଦଳା , ୧୬/୧୧ (ନି.ପ୍ର): ସରକାରୀ ଚାକିରି ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତିଭିତିକ ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କର ବୋଲି ଉଦଳା ଏନ୍.ଏ.ସି.ର ପୂର୍ବତନ କାଉନସିଲର ତଥା ସାମ୍ବାଦିକ ସାଲାଏ ମାର୍ଣ୍ଡି ଦାବି ଜଣାଇଛନ୍ତି । ସେ କହିଛନ୍ତି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ବହୁଧନିକ ଶ୍ରେଣୀର ଲୋକ ଅଛନ୍ତି । ଜାତିଭିତିକ ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ଏହି ଧନିକ ବର୍ଗର ଲୋକେ ସବୁପ୍ରକାର ସୁବିଧା ସୁଯୋଗ ନେଇ ଯାଉଛନ୍ତି । ଫଳରେ ଗରିବ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତାଛଡ଼ା ସବୁ ଜାତିରେ ଗରିବ ଲୋକ ଅଛନ୍ତି । ସେମାନେ ମଧ ସଂରକ୍ଷଣ ବ୍ୟବସ୍ଥାର ସୁଯୋଗ ନେବା ଉଚିତ ବୋଲି ସାଲାଏ କହିଛନ୍ତି । ସାଲାଏ ମାର୍ଣ୍ଡିଙ୍କର ଏପରି ଦାବିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏପରିକି ସାଲାଏ ମାର୍ଣ୍ଡି ଯଦି ଆଗାମି ନିର୍ବାଚନରେ ଉଦଳାରୁ ବିଧାୟକ ପ୍ରାର୍ଥି ହୁଅନ୍ତି ତେବେ ସବର୍ଣ୍ଣ ଲୋକଙ୍କ ଭୋଟ ସାଲାଏଙ୍କ ସପକ୍ଷରେ ଯିବ ବୋଲି ଶୁଣିବାକୁ ମିଳୁଛି ।

## ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ

ପାରାଦୀପ, ୧୬/୧୧ (ନି.ପ୍ର): ପାରାଦୀପ ବନ୍ଦର ଏସିଏସଟି କର୍ମଚାରୀ ଉନ୍ନୟନ ସଂଘ ପକ୍ଷରୁ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।ସଂଘର ସଦସ୍ୟ ଏବଂ ସେମାନଙ୍କ ପରିବାର ଯୋଗ ଦେଇ ବିର୍ସାମୁଣ୍ଡାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମଧୁବନସ୍ଥିତ ସଂଘର କାର୍ଯ୍ୟାଳୟ ପରିସରରେ ସଂଘର କାର୍ଯ୍ୟକାରୀ ସଭାପତି ତଥା ପାରାଦୀପ ବନ୍ଦର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁଙ୍କ ପୌରହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସଂଘର ସାଧାରଣ ସମ୍ପାଦକ ଧୃନଚନ୍ଦ୍ର ତରାଇ। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକ ସଂଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିର୍ସାମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଘର ବରିଷ୍ଠ ସଦସ୍ୟ ମହେଶ୍ୱର ସୋରେନ୍, ପ୍ରଦୀପ କୁମାର ମିର୍ଦ୍ଧା। ଉଲ୍ଲେଖନୀୟ ଅବଦନା ନିମନ୍ତେ ସଂଘର ସଦସ୍ୟ/ସଦସ୍ୟାମାନଙ୍କୁ ମୁଖ୍ୟଅତିଥି ଶ୍ରୀ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସଂଘର ସଦସ୍ୟ ସେମାନଙ୍କ ପରିବାର ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ମେଘାସନ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ଉଦଳା , ୧୬/୧୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଢ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଚଳିତ ନଭେମ୍ବର ୧୫ ତାରିଖ ବୁଧବାର ଦିନ ଓଡ଼ିଶା ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କପ୍ତିପଦା ପଂଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପତାକା ଉତୋଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହାପରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ଅତିତରେ ଏହି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ କିପରି ଉପଖଣ୍ଡ, ଜିଲ୍ଲା ଓ ରାଜ୍ୟସ୍ତରରେ ଖେଳାଖେଳିରେ ବେଶ ସୁନାମ ଅର୍ଜନ କରିଛନ୍ତି ଓ ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଜାତୀୟ ସମର ଶିକ୍ଷାର୍ଥି ବାହିନିର ଅଧିକାରୀ ଅରୁଣ କୁମାର ଜେନା ଓ ନୋଡ଼ାଲ ଅଫିସର ବସନ୍ତ କୁମାର ପାତ୍ର ଆଜିର ଉଦ୍‌ଘାଟନ ଉତ୍ସବ ପରିଚାଳନାର ନେତୃତ୍ୱ ନେଇଥିଲେ । ଅଧାପକ ଡ଼କ୍ଟର ନିରନ ପାଠୀ ଧନ୍ୟବାଦ ଅର୍ପଣ କରିବା ସହ ଏହି କାର୍ଯ୍ୟକ୍ରମ ଆଜିଠାରୁ ୧୬ ଦିନ ଧରି ଚାଲିବ ଏବଂ ୩୦ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଖେଳକୁଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

## ବିଜେପି ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ବାରିପଦା, ୧୬/୧୧ (ନି.ପ୍ର): ସ୍ୱାଧୀନତା ସଂଗ୍ରାମୀଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଆଜି ଭାରତୀୟ ଜନତା ପାର୍ଟି ଜନଜାତି ମୋର୍ଚ୍ଚା ତରଫରୁ ଜିଲ୍ଲାର ସାଧାରଣ ସମ୍ପାଦକ ଦେବାନନ୍ଦ ମୁର୍ମୁ ଏବଂ ମଣ୍ଡଳ ସଭାପତି ଦେବେନ୍ଦ୍ର ସିଂଙ୍କ ନେତୃତ୍ୱରେ ମଧୁବନ ପଡ଼ିଆ ଠାରୁ ଶତାଧିକ କାର୍ଯକର୍ତାଙ୍କ ସହିତ ପାରମ୍ପରିକ ବାଦ୍ୟ ଏବଂ ନୃତ୍ୟ ସହିତ ପଦଯାତ୍ରା ରେ ଯାଇ ପୋଡା ଅସ୍ତିଆ ଠାରେ ଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛୋଟେଲାଲ ମହାନ୍ତ, ବିଜେପି ଅନୁସୂଚୀତ ଜନଜାତି ମୋର୍ଚ୍ଚାର ରାଜ୍ୟ ଉପ ସଭାପତି ଫାଗୁ ହାଁସଦା ସ୍ୱାଧୀନତା ସଂଗ୍ରମୀ ଭଗବାନ ବିର୍ସା ମୁଣ୍ଡାଙ୍କ ଦେଶ ଓ ଜାତି ପାଇଁ ରହିଥିବା ଅବଦାନ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ। ଏହି ଶୋଭା ଯାତ୍ରାରେ ଜିଲ୍ଲା ବିଜେପି ସାଧାରଣ ବିଜୟ କୁମାର ଦାସ, ଜିଲ୍ଲା ଉପସଭାପତି କବି ବିଷ୍ଣୁ ଶତପଥୀ, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀଧର ବେହେରା, କୃଷକ ମୋର୍ଚ୍ଚା ସଭାପତି ଶିଶିର କୁମାର ମହାନ୍ତ, ବରିଷ୍ଠ ବିଜେପି ନେତ୍ରୀ ଶୋଭାବତୀ ଓତା, ପାୟଲ ରାୟ, ମାନସୀ ତ୍ରିପାଠୀ, ହେମଲତା ଦାସ, ସସ୍ମିତା ବେହେରା, ଯଶୋଦା ରାଣୀ ଦାସ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ମାନସ କୁମାର ସାହୁ, ଜିଲା ଯୁବ ସଭାପତି ବଳରାମ ସାହୁ, ସାଧାରଣ ସମ୍ପାଦକ ଦେବବ୍ରତ ସାମଲ ପ୍ରମୁଖଙ୍କ ସହିତ ବହୁ ସଂଖ୍?ଯାରେ ଜନସାଧାରଣ ଯୋଗ ଦେଇଥିଲେ।

## ନୀଳମଣି କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ମହୁଚାଷ କର୍ମଶାଳା




ବସ୍ତା, ୧୬/୧୧ (ନି.ପ୍ର): ରୂପସା ନୀଳମଣି କଲେଜର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଗୁରୁବାର କଲେଜ ସମ୍ମିଳନୀ କକ୍ଷରେ ମହୁଚାଷ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରି ମହୁଚାଷ ମାଧ୍ୟମରେ ସମସ୍ତେ ଲାଭପ୍ରଦ ହୋଇପାରିବେ ବୋଲି କହିଥିଲେ । ମୁଖ୍ୟ ଅତିଥି ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା ଯୋଗ ଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ । ଛାତ୍ରୀଛାତ୍ର ମହୁଚାଷ କରି ନିଜେ ସ୍ୱାବଲମ୍ୱୀ ହେବାକୁ ସେ ଆହ୍ୱାନ ଦେଇଥିଲେ । ରିଶୋର୍ସ ପର୍ଶନ ଭାବେ ପୂର୍ବତନ ବ୍ୟାଙ୍କ ଅଧିକାରୀ ଅଶ୍ୱିନୀ କୁମାର ଦାସ ଯୋଗ ଦେଇ ଛାତ୍ରଛାତ୍ରୀ ମହୁଚାଷ ମାଧ୍ୟମରେ ନିଜ ପରିବାରର ଆର୍ଥିକ ମାନଦଣ୍ଡ କୁ ବୃଦ୍ଧି କରି ପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ପ୍ରାଧାପକ ସରୋଜ କୁମାର ପାଣି, ଅଧାପକ ଗୌରାଙ୍ଗ ପଣ୍ଡା, ଅଧାପକ ଚନ୍ଦନ କୁମାର ଦାସ, ଅଧାପିକା ପିନାକ୍ଷୀ ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇ ମହୁଚାଷର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସଂସଦ ସମ୍ପାଦକ ବାଞ୍ଛାନିଧି ଦେ କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ କଲେଜର ଛାତ୍ର ଛାତ୍ରୀ, ଅଧାପକ ଅଧାପିକା ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo